ସୁନା ଡାକ୍ତର

ଡକ୍ଟର ଦିଗରାଜ ବ୍ରହ୍ମା



ରଜନୀସ୍ ପବ୍ଲିକେଶନ୍ସ

Source: Author, Digitized by PPRACHIN, SOA

ମୁନା ଡାକ୍ତର

(ଶିଶୁ ଉପନ୍ୟାସ)

ଲେଖକ :
ଡଃ ଦିଗରାଜ ବ୍ରହ୍ମା

ପ୍ରକାଶକ
ରଜନୀସ୍ ପବ୍ଲିକେଶନ୍ସ
ଭୈରପୁର, ଜଗତପୁର, କଟକ

Source: Author, Digitized by PPRACHIN, SOA

ମୁନା ଡାକ୍ତର

ଲେଖକ : ଡ଼ଃ ଦିଗରାଜ ବ୍ରହ୍ମା
୧୬୫୭, ମହାବୀର ବିହାର,
କଲାରାହଙ୍ଗ, ଭୁବନେଶ୍ୱର -୭୫୧୦୨୪
✆ : ୦୬୭୪-୨୭୨୫୦୦୬

ପ୍ରକାଶକ : ରଜନୀସ୍ ପବ୍ଲିକେଶନ୍ସ
ଭୈରପୁର, ଜଗତପୁର, କଟକ

ମୁଦ୍ରଣ : ଶ୍ରୀ ସତ୍ୟନାରାୟଣ ପ୍ରେସ
ଡଗରପଡ଼ା, କଟକ-୨

ପ୍ରଥମ ପ୍ରକାଶନ : ୨୦୦୪
ମୂଲ୍ୟ : ଟ. ୩୫.୦୦ (ପଇଁତିରିଶି ଟଙ୍କା) ମାତ୍ର

MUNA DAKTAR

Writer : **Dr. Digaraj Brahma**
1657, Mahavir Vihar, Kalarahanga
Bhubaneswar - 751024
✆ : 0674-2725006

Publisher : **RAJANIS PUBLICATIONS**
Bhairpur, Jagatpur Cuttack

Printer : **Shree Satyanarayan Press**
Dagarpara, Cuttack - 2

First Edition : 2004
Price : **Rs. 35.00 (Rupees Thirty five) Only**

Source: Author, Digitized by PPRACHIN, SOA

ବହି ବିଷୟରେ ପଦେ...

ସଂପ୍ରତି କେବଳ ଗୋଟିଏ ଚିକିତ୍ସା ପଦ୍ଧତି ମାଧ୍ୟମରେ ଆମ ଦେଶରେ ସ୍ୱାସ୍ଥ୍ୟସେବା ପାଇପାରୁ ନ ଥିବା ଅଗଣିତ ଲୋକମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବା ସମ୍ଭବପର ନୁହେଁ । ତେଣୁ ଆମ ଦେଶର ଜାତୀୟ ସରକାର ଏବେ ଭାରତୀୟ ଭେଷଜ ପ୍ରଣାଳୀ (Indian Medicine System)ର ପ୍ରୋତ୍ସାହନ କରିବା ସହିତ ଏହା ମାଧ୍ୟମରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ସଂକଳ୍ପବଦ୍ଧ ।

ଏହି ଦୃଷ୍ଟିକୋଣରୁ ଶିଶୁମାନଙ୍କ ମନରେ ପ୍ରାକୃତିକ ଚିକିତ୍ସା ପଦ୍ଧତି ସହିତ ଯୋଗ ପ୍ରତି ସମ୍ମାନବୋଧ ସୃଷ୍ଟି କରିବାପାଇଁ ଶିଶୁ ତଥା କିଶୋର ଉପନ୍ୟାସ **'ମୁନା ଡାକ୍ତର'** ଅଭିପ୍ରେତ ।

ଏହି ଅବସରରେ ମୁଁ ଆମ ରାଜ୍ୟର ଅଗଣିତ ଶିଶୁ ଓ କିଶୋର କିଶୋରୀମାନଙ୍କ ହାତରେ ଅର୍ପଣ କରୁଛି **'ମୁନା ଡାକ୍ତର'**କୁ ।

ଆଶା, ଏହି ଉପନ୍ୟାସରେ ବର୍ଣ୍ଣିତ ଶିଶୁ ମୁନା ଡାକ୍ତରର ବିଚାରଧାରା ସେମାନଙ୍କ ଦ୍ୱାରା ଆଦୃତ ହେବ ।

ଲେଖକ

Source: Author, Digitized by PPRACHIN, SOA

ଉତ୍ସର୍ଗ

ଭବିଷ୍ୟତର ନାଗରିକ ଦେଶର ଅଗଣିତ
କୋମଳମତି ଶିଶୁମାନଙ୍କ ଉଦ୍ଦେଶ୍ୟରେ
ଅର୍ପଣ କରୁଛି....

Source: Author, Digitized by PPRACHIN, SOA

।। ଏକ ।।

ସେଦିନ କୁଟା, କାଠି ଖଞ୍ଜି ଘରଟିଏ ତିଆରି କରୁଥିବା ପିଲାଟିକୁ ଦେଖି ତା' ବିଷୟରେ ଜାଣିବାକୁ ମନରେ ମୋର ଆଗ୍ରହ ଆସିଲା । ମୁଁ ଆଗ୍ରହର ସହିତ ପଚାରିଲି, ''କିଏ ?''

ଉତ୍ତର ଆସିଲା, ''ମୁନା ଡାକ୍ତର ।''

''ସେଠାରେ ତୁମେ କ'ଣ କରୁଛ ?'' ମୁଁ ପ୍ରଶ୍ନ ପଚାରିଲି ।

ପିଲାଟି କହିଲା, ''ମୋର ଡାକ୍ତରଖାନା ତିଆରି କରୁଛି ।''

''ମାନେ କେଇଖଣ୍ଡ କୁଟା ଓ କାଠିକୁ ଯୋଡ଼ି ତୁମେ ଆରମ୍ଭ କରିଛ... ତୁମର ଡାକ୍ତରଖାନା ?'' ମୁଁ ଟିକିଏ ପରିହାସ ଛଳରେ କହିଲି ।

''ହଁ, ସେଥିରେ ତୁମର କ'ଣ ଯାଏ ଆସେ ? ମୁଁ ତ ମୋର ଡାକ୍ତରଖାନା ତିଆରି କରୁଛି ।'' ମୁନା ଡାକ୍ତର କହିଲା ।

ମୁନା ଡାକ୍ତରର ଏହି ଅଭିଯୋଗ ପୂର୍ଣ୍ଣ କଥା ଶୁଣି ମୋତେ ବଡ଼ କଷ୍ଟ ଲାଗିଲା । ମୁଁ କିଛି କହିବାକୁ ଚେଷ୍ଟା କଲି, ମାତ୍ର ଅଳ୍ପ ବୟସ ଦୃଷ୍ଟିରୁ ମୁନା ଡାକ୍ତରକୁ କିଛି କହି ପାରିଲି ନାହିଁ ।

Source: Author, Digitized by PPRACHIN, SOA

ମୁନା ଡାକ୍ତରର ଡାକ୍ତରଖାନା ପାଖରେ ପଡ଼ିଥିବା ଏକ ସାଇନ୍‌ବୋର୍ଡ୍ ଉପରେ ମୋର ଯାଇ ନଜର ପଡ଼ିଲା । ମୁଁ ମୁନା ଡାକ୍ତର ଆଡ଼କୁ ଲକ୍ଷ୍ୟକରି ପଚାରିଲି, ''ମୁନା ଡାକ୍ତର ! ସେଠାରେ ତୁମେ କ'ଣ ଲେଖିଚ ?''

ମୁନା ଡାକ୍ତରର ମୁହଁର ଭାବ ଏଥରକ ଟିକିଏ ବଦଳିଲା । ସେ ଆଗଭଳି ନ ଚିଡ଼ି ହସି ହସି ଆରମ୍ଭ କଲା, ''କାହିଁକି ? ନିଜେ ପଢୁନ ? ତୁମେ କ'ଣ ଅକ୍ଷର ଶିଖିନ ?''

ମୁଁ କହିଲି, ''ଅକ୍ଷର ଶିଖିଛି ସତ, ମାତ୍ର ମୋ ପକ୍ଷରେ ଅକ୍ଷରଗୁଡ଼ିକୁ ମିଶାଇ ଭାବର ସମୁଦ୍ର ସୃଷ୍ଟି କରୁଥିବା ଶବ୍ଦଗୁଡ଼ିକର ଅର୍ଥ ଜାଣିବା......''

Source: Author, Digitized by PPRACHIN, SOA

ମୋ ପାଟିରୁ କଥା ଛଡ଼ାଇ ମୁନା ଡାକ୍ତର କହିଲା, "ଓଃ ! ବୁଝିଗଲି । ତା'ହେଲେ ତୁମେ ସାଇନ୍‌ବୋର୍ଡ଼ ପଢ଼ି ପାରୁଛ । ମାତ୍ର ଶବ୍ଦ ଗୁଡ଼ିକର ଅର୍ଥ ଠିକ୍ ଭାବେ ବୁଝି ପାରୁନ ।"

ମୁଁ କହିଲି, "ତାହାହିଁ ତ ମୋର ଦୁଃଖ ମୁନା ଡାକ୍ତର । ମୁଁ ଅକ୍ଷର ଗୁଡ଼ିକ ବେଶ୍ ଭଲଭାବରେ ପଢ଼ି ପାରୁଛି । କିନ୍ତୁ ଶବ୍ଦ ଗୁଡ଼ିକର ଭାବ ବୁଝିବା ମୋ ପକ୍ଷରେ ବଡ଼ କଷ୍ଟଦାୟକ ହେଉଛି । ମୋତେ ଟିକିଏ ତୁମେ ବୁଝାଇ ଦେବ ?"

ମୁନା ଡାକ୍ତର କଥାର ଗତି ବଦଳାଇ କହିଲା, "ଛାଡ଼ ସେ କଥା । ଆଚ୍ଛା କହିଲ, ତୁମେ କ'ଣ ରୋଗୀ ?"

ମୁନା ଡାକ୍ତରର କଥାଶୁଣି ମୁଁ ମୋର ଦେହ ଉପରେ ଥରେ ଦୁଇଥର ସତର୍କ ଦୃଷ୍ଟି ପକାଇ ଆଣିଲି । କହିଲି, "ନାଁ'ତ, ମୁଁ କାହିଁକି ରୋଗୀ ହେବି ?"

ମୁନା ଡାକ୍ତର କହିଲା, "ହଁ, ତୁମେ ରୋଗୀ ।"

ପୂର୍ବ ଅପେକ୍ଷା ମୁଁ ଟିକିଏ ଦବିଯାଇ କହିଲି, "ଦେଖ ମୁନା ଡାକ୍ତର, ମୁଁ ରୋଗୀ ନୁହେଁ । ମାତ୍ର ଜଣେ ଡାକ୍ତର ହୋଇ ତୁମେ ମୋତେ ରୋଗୀ ବୋଲି କହୁଚ଼ । ସେହି ଦୃଷ୍ଟିରୁ ମୁଁ ନିରୁପାୟ ।"

ମୁନା ଡାକ୍ତର କହିଲା, "କ'ଣ... ରୋଗୀ କହୁଛି ବୋଲି ତୁମେ ତୁମର ରୋଗ ସମ୍ପର୍କରେ ଚିନ୍ତା କରୁଛ ?"

ମୁଁ କହିଲି, "ହଁ ।"

ମୁନା ଡାକ୍ତର କହିଲା, "ତାହାହିଁ ତୁମର ରୋଗ ।"

ମୁନା ଡାକ୍ତରଙ୍କ କଥାର ମର୍ମ ମୁଁ ବୁଝି ପାରିଲିନି । ଟିକିଏ ବିବ୍ରତ ହୋଇ ପଚ଼ାରିଲି, "ମୁଁ ରୋଗୀ ? କ'ଣ ମୋର ରୋଗ ମୁନା ଡାକ୍ତର ?"

ମୁନା ଡାକ୍ତର ଏଥରକ ଆଗ ଅପେକ୍ଷା ଖୁବ୍ ଜୋରରେ ହସିଲା । ସେ ଯେତିକି ଜୋରରେ ହସୁଥାଏ, କାଳେ ମୁଁ ରୋଗୀ ହୋଇଥିବି,

Source: Author, Digitized by PPRACHIN, SOA

ସେହି ଆଶଙ୍କା କରି ମୋର ମନର ଦମ୍ଭ ସେତିକି ଭାଙ୍ଗି ଆସୁଥାଏ । ଆଉ ମୁଁ ତା'ର ହସକୁ ସହି ନ ପାରି କହୁଥାଏ, ''କହ ମୁନା ଡାକ୍ତର, ମୋର ରୋଗ କ'ଣ ?''

ମୁନା ଡାକ୍ତର ମୋର ମାନସିକ ଅବସ୍ଥା କ'ଣ ଲକ୍ଷ୍ୟ କଲା କେଜାଣି ସେ କଥା ମୁଁ ଜାଣି ନାହିଁ । ମାତ୍ର ସେ ହସ ବନ୍ଦ କଲା ଓ ମୋତେ ପୂର୍ବ ଅପେକ୍ଷା ଅଧିକ ଗମ୍ଭୀର ହୋଇ କହିଲା, ''ତୁମର ରୋଗ କ'ଣ ତୁମେ ଜାଣିବାକୁ ଚାହୁଁଛ ?''

ମୁଁ ଜୋର ଦେଇ କହିଲି, ''ଦେଖ ମୁନା ଡାକ୍ତର, ଜଣେ ଡାକ୍ତର ପାଖରେ ରୋଗୀ ତା'ର ରୋଗ ଲୁଚାଇବା ବିଜ୍ଞତାର କାମ ନୁହେଁ । ମାତ୍ର ରୋଗୀ ଯେତେବେଳେ ତା'ର ରୋଗ ସମ୍ପର୍କରେ ସଚେତନ ନୁହେଁ, ସେତେବେଳେ ଡାକ୍ତର ମଧ୍ୟ ରୋଗୀକୁ ତା'ର ରୋଗ ସମ୍ପର୍କରେ ସଚେତନ କରିବା ଆବଶ୍ୟକ ।''

ମୁନା ଡାକ୍ତର ମୋ କଥା ଶୁଣି ହସିଲା । ହସି କିଛି ସମୟ ନୀରବ ରହିଲା ପରେ କହିଲା, ''ଓଃ ବୁଝିଗଲି । ତୁମେ ତୁମର ରୋଗ ନେଇ ଏଥରକ ବେଶୀ ସଚେତନ ହୋଇ ଉଠିଛ । ତାହାହିଁ ମୋତେ ବେଶୀ ଦୁଃଖ ଲାଗୁଛି ।'' ଏଥରକ ମୁନା ଡାକ୍ତର କଥାର ଗତି ବଦଳାଇ ଆରମ୍ଭ କଲା, ''ଆଚ୍ଛା ! କହିଲ, ତୁମେ ମୋତେ ଟିକିଏ ସାହାଯ୍ୟ କରିପାରିବ ?''

ମୁଁ କହିଲି, ''ମୁଁ ତ ପିଲା ଲୋକ ନୁହେଁ !''

''ତା'ହେଲେ ତୁମେ ବଡ଼ ମଣିଷଟିଏ ବୋଲି ଗର୍ବ କରୁଛ ?'' ମୁନା ଡାକ୍ତର କହିଲା ।

ମୁନା ଡାକ୍ତରର ମୋ ପ୍ରତି ଏପରି ଅଯଥା ଆକ୍ଷେପ ମନୋଭାବ ଦେଖି ମୁଁ ବିରକ୍ତି ପ୍ରକାଶ କରି କହିଲି, ''ମୁନା ଡାକ୍ତର, ତୁମର ଜାଣି ରଖିବା ଉଚିତ ଯେ ତୁମେ କିପରି ବଡ଼ମାନଙ୍କ ସହିତ କଥାବାର୍ତ୍ତା

Source: Author, Digitized by PPRACHIN, SOA

କରିବା ଦରକାର । ଯେତେହେଲେ ତୁମେ ପିଲା, ଆଉ ମୁଁ ବଡ଼ । ବଡ଼ କେତେବେଳେ ତୁମଭଳି ଛୋଟ ପିଲା ହୋଇପାରେନା । ତେଣୁ ତୁମେ ବଡ଼ମାନଙ୍କ ସହିତ କଥାବାର୍ତ୍ତା ହେଲାବେଳେ ଟିକିଏ ସତର୍କତା ଅବଲମ୍ବନ କରିବା ଉଚିତ ।''

ମୋର କଥା ସରିବା କ୍ଷଣି ମୁନା ଡାକ୍ତର ଏକ ଦାର୍ଶନିକଙ୍କ ପରି କହିଲା, ''ମୁଁ ଦେଖୁଛି ତୁମେ ଇତି ମଧ୍ୟରେ ଗୋଟିଏ କଥା ଭୁଲିଗଲ ।''

ମୁଁ କହିଲି, ''କ'ଣ ?''

ମୁନା ଡାକ୍ତର କହିଲା, ''ହୃଦୟ ।''

ମୁଁ ପଚାରିଲି, ''ତୁମେ କ'ଣ କହିବାକୁ ଚାହଁ ମୁନା ଡାକ୍ତର ?''

ମୁନା ଡାକ୍ତର କହିଲା, ''ଦେଖ ! ମୁଁ ପିଲା ଆଉ ତୁମେ ବଡ଼ ।''

ମୁଁ କହିଲି, ''କିଏ ତ ନାହିଁ କରୁନି ?''

ମୁନା ଡାକ୍ତର କହିଲା, ''ତୁମେ ନାହିଁ କରୁଚ ।''

ମୁଁ ପଚାରିଲି, ''କିପରି ?''

ମୁନା ଡାକ୍ତର ଏଥରକ କିଛିକ୍ଷଣ ପାଇଁ ମୋ ଆଡ଼କୁ ଚାହିଁ ରହିଲା । କିଛି ସମୟ ପରେ କହିଲା, ''ଆଚ୍ଛା, କହିଲ... ମୋର କେତୋଟି ପ୍ରଶ୍ନର ଉତ୍ତର ଦେବ ନା ତୁମର ବଡ଼ ପଣ ଦେଖାଇ ମନା କରିଦେବ ।''

ମୁଁ କହିଲି, ''ତୁମ ଭଳି ଜଣେ ଡାକ୍ତରର ପ୍ରଶ୍ନର ଉତ୍ତର ଦେବାରେ ମୋର କୌଣସି ଆପତ୍ତି ନାହିଁ ।''

ମୁନା ଡାକ୍ତର ମୋତେ ପଚାରିଲା, ''ତୁମେ କେବେ ପିଲାଙ୍କ ଭଳି କାନ୍ଦିଛ ?''

ମୁଁ ଟିକିଏ ଚିନ୍ତା କଲି । ତା'ପରେ କହିଲି, ''ମୋତେ ଟିକିଏ ଭାବିବାକୁ ସମୟ ଦିଅ ମୁନା ଡାକ୍ତର ।''

Source: Author, Digitized by PPRACHIN, SOA

ମୁନା ଡାକ୍ତର କହିଲା, ''ସମୟ ଦେଲି । ତୁମେ ଭାବ । କ'ଣ ଭାବିଲ ? ଯଦି ଭାବି ନ ପାରୁଛ, ତେବେ ତୁମକୁ ଭାବିବାକୁ ମୁଁ ଆଉ ଦିନେ ଦୁଇଦିନ ସମୟ ଦେଇପାରେ ।''

ହଠାତ୍ ମୋର ହୃଦୟର ପୁଞ୍ଜିଭୂତ ଯନ୍ତ୍ରଣା ମୁଖ ମଣ୍ଡଳ ଦେଇ ବାହାରି ଆସିଲା - ''ଆଃ !''

ମୁନା ଡାକ୍ତର କହିଲା, ''କ'ଣ ଯନ୍ତ୍ରଣା ?''

ମୁଁ କହିଲି, ''ହଁ, ଯନ୍ତ୍ରଣା ।''

ମୁନା ଡାକ୍ତର କହିଲା, ''ମୁଁ ଜାଣେ ତୁମେ ଯନ୍ତ୍ରଣା ଅନୁଭବ କରିବ ଓ ସତକଥା କହିବ । ହଁ, ଏଥରକ ସତକଥା ତୁମର ତଣ୍ଟିପାଖରେ ଆସି ହେବଣି । କୁହ - ତୁମେ କେବେ ପିଲାଙ୍କ ଭଳି କାନ୍ଦିଛ କି ?''

ମୁଁ କହିଲି, ''ହଁ !''

ମୁନା ଡାକ୍ତର ପଚାରିଲା, ''କେବେ ?''

''ମୋର କୁନିପୁଅ ଯେତେବେଳେ ରୋଗଶଯ୍ୟାରେ ଥିଲା ଓ ଡାକ୍ତରମାନେ ବିନା ଦ୍ୱିଧାରେ ତାକୁ ଗୋଟିଏ ପରେ ଗୋଟିଏ ଇଞ୍ଜେକ୍‌ସନ୍ ଫୋଡ଼ି ଯନ୍ତ୍ରଣା ଦେଉଥିଲେ'', ମୁଁ କହିଲି ।

ମୁନା ଡାକ୍ତର ଏଥରକ ମୋତେ ସମବେଦନା ଜଣାଇଲା ଭଳି କହିଲା,''ମୁଁ ଜାଣିଥିଲି ତୁମର ପୁଅ ରୋଗରେ ପଡ଼ିବ ଆଉ ଡାକ୍ତରମାନେ ତାକୁ ଛୁଞ୍ଚି ଫୋଡ଼ି ଯନ୍ତ୍ରଣା ଦେବେ ।'' ଏତକ କହୁ କହୁ ମୁନା ଡାକ୍ତରର ଆଖି ଲୁହରେ ଛଳ ଛଳ ହୋଇଗଲା ଓ ସେ ନୀରବ ରହିଲା ।

ମୁଁ ପଚାରିଲି, ''ମୁନା ଡାକ୍ତର ! ତୁମେ କ'ଣ ଭାବିଲ ଯେ ତୁମ ଆଖି ଲୋତକରେ ଭରି ଉଠିଲା, ଆଉ ତୁମେ ନୀରବ ରହିଗଲ ?''

''ଠିକ୍ ପ୍ରଶ୍ନଟିଏ ପଚାରିଛ ।'' ମୁନା ଡାକ୍ତର କହିଲା ।

Source: Author, Digitized by PPRACHIN, SOA

ମୁଁ ମୁନା ଡାକ୍ତର ଆଡ଼କୁ ଚାହିଁଲି । ସେ ପୁଣି ଆରମ୍ଭ କଲା, "ଆମ ଆୟୁ ବିଜ୍ଞାନରେ ଅଛି....."

ମୁଁ କହିଲି, "କ'ଣ ଅଛି ?"



"ଟିକେ ଟିକେ କଥାରେ ପିଲାଙ୍କୁ ଛୁଞ୍ଚି ନ ଫୋଡ଼ିବା ପାଇଁ ।"

ମୁଁ ପଚାରିଲି, "ଏହାର ଅର୍ଥ ?"

ମୁନା ଡାକ୍ତର କହିଲା, "ସେପରି ଜରୁରୀ ନ ପଡ଼ିଲେ କୁନା-ମୁନା, ଝିଲି-ମିଲି, ପ୍ରଭୃତିଙ୍କୁ ଛୁଞ୍ଚି ଫୋଡ଼ିବା ମନା । ମାତ୍ର....."

"ମାତ୍ର ଆଉ କ'ଣ ମୁନା ଡାକ୍ତର ?" ମୁଁ ପଚାରିଲି ।

"ଆଉ କ'ଣ ହୋଇପାରେ ! ଆମର ଡାକ୍ତରମାନେ..... ।" ଏଥରକ କଥାର ଗତି ବଦଳାଇ ମୁନା ଡାକ୍ତର କହିଲା, "ଆଚ୍ଛା କହିଲ ! ଛୁଞ୍ଚିଫୋଡ଼ାରେ କ'ଣ ତୁମର ପୁଅ ଭଲ ହେଲା ?"

Source: Author, Digitized by PPRACHIN, SOA

ମୁଁ କହିଲି, ‘‘ନାହିଁ ।’’

ମୁନା ଡାକ୍ତର ଏଥରକ ହସି ହସି କହିଲା, ‘‘ମୁଁ ଜାଣେ, ତୁମେ ନାହିଁ କରିବ ଓ ତୁମର ପୁଅକୁ ଛୁଞ୍ଚି ଫୋଡ଼ାରୁ ରକ୍ଷା କରିବା ପାଇଁ ସେଠାରୁ ପଳାଇ ଆସିବ ।’’

ମୁଁ ଆନନ୍ଦରେ କହିଲି, ‘‘ସାବାସ୍ ମୁନା ଡାକ୍ତର ! ତୁମେ ଠିକ୍ କଥା ଅନୁମାନ କରି ପାରିଛ ।’’

ମୁନା ପୂର୍ବପରି ପୁଣି କହି ଚାଲିଲା, ‘‘ମୁଁ ଆଶା କରୁଛି ତୁମର ପୁଅ ଭଲ ହୋଇ ଯାଇଥିବ ।’’

ମୁଁ କହିଲି, ‘‘ପୂରାପୂରି ଠିକ୍ ।’’

ମୁନା ଡାକ୍ତର ଏଥରକ ବ୍ୟଙ୍ଗକରି କହିଲା, ‘‘ଆଚ୍ଛା କହିଲ, ତୁମେ ପିଲାଙ୍କ ଭଳି କାହିଁକି କାନ୍ଦୁଥିଲ ? ତୁମେ ପରା ବଡ଼ ମଣିଷ !’’

ଏଥରକ ମୁଁ ଦେଖିଲି ମୁନା ଡାକ୍ତର ମୋର ପୂର୍ବ କଥାର ଟିକିଏ ବ୍ୟତିକ୍ରମ ପାଇଁ ମୋତେ ଅସୁବିଧାରେ ପକାଇବାକୁ ଚେଷ୍ଟା କରୁଛି । ନିଜର ବୋକାମିକୁ ମୁନା ଡାକ୍ତର ପାଖରେ ଧରା ପକାଇ ନ ଦେବା ପାଇଁ ସତର୍କତାର ସହ ଚିନ୍ତାକରି କହିଲି, ‘‘କାହିଁକି ତୁମେ ତ ଡାକ୍ତର ଲୋକ, କହୁନ ମୁଁ କାହିଁକି ପିଲାଙ୍କ ଭଳି କାନ୍ଦୁଥିଲି ?’’

ମୁନା ଡାକ୍ତର ମୋ କଥା ଶୁଣି ଟିକିଏ ଗମ୍ଭୀର ହୋଇ କହିଲା, ‘‘ତୁମେ ତ କହୁଥିଲ ଯେ ତୁମେ ବଡ଼ ଆଉ ମୁଁ ପିଲା । ମୁଁ ଦେଖୁଛି, ଏଥରକ ତୁମେ ଠିକ୍ ରାସ୍ତାକୁ ଆସିଛ, ଆଉ ତୁମର ରୋଗ ନିରୂପଣ କରିବାର ଦାୟିତ୍ୱ ମୋ ହାତରେ ଦେଇଛ ।’’

ମୁଁ କହିଲି, ‘‘ମୁନା ଡାକ୍ତର, ତୁମ କଥା ଶୁଣିବାକୁ ମୋର ଧୈର୍ଯ୍ୟ ନାହିଁ । ଏଣେ ବେଳ ବୁଡ଼ିବାକୁ ବସିଲାଣି । ତୁମେ କହ, ମୁଁ କାହିଁକି କାନ୍ଦୁଥିଲି ?’’

ମୁନା ଡାକ୍ତର କହିଲା, ‘‘ତୁମେ ସେତେବେଳେ ପିଲା ଥିଲ । ତୁମର ବୟସ ଅଧିକ ଓ ତୁମେ ବଡ଼ - ଏକଥା ତୁମେ ପୂରାପୂରି ଭୁଲି

Source: Author, Digitized by PPRACHIN, SOA

ଯାଇଥିଲ । ତେଣୁ ତୁମେ ବଡ଼ ହେଲେ ମଧ ଛୋଟ ପିଲାଟିଏ ପରି କାନ୍ଦୁଥିଲ ।''

ମୁଁ କହିଲି, ''ତୁମେ କ'ଣ କହିବାକୁ ଚାହଁ ଯେ ମଣିଷ ଜୀବନର ବିଭିନ୍ନ ଅବସ୍ଥାର ବିଭାଜନ କିଛି ନୁହେଁ ?''

ମୁନା ଡାକ୍ତର କହିଲା, ''ଠିକ୍ କଥା କହିଛ ? ଜଣେ ବଡ଼ ମଣିଷର ହୃଦୟ ପିଲାର ହୃଦୟ ହୋଇପାରେ । ପୁଣି ପିଲାର ହୃଦୟ ମଧ ବଡ଼ ମଣିଷର ହୋଇପାରେ । ଆଚ୍ଛା କହିଲ... ତୁମେ ଏଣିକି ମୋତେ ସାହାଯ୍ୟ କରିବ ତ ?''

ମୁଁ କହିଲି, ''ହଁ, ସାହାଯ୍ୟ କରିବି ।''

ପୁଣି ପ୍ରଶ୍ନ କଲି, ''ଆଚ୍ଛା ମୁନା ଡାକ୍ତର ତୁମେ ତ କହିଲନି ସେ ସାଇନ୍‌ବୋର୍ଡ଼ରେ କ'ଣ ଲେଖିଛ ?''

Source: Author, Digitized by PPRACHIN, SOA

ମୁନା ଡାକ୍ତର କହିଲା, "ମା' ଯା'ର ସ୍ନେହ, ଶ୍ରଦ୍ଧା ଓ ଅତୁଳନୀୟ ଦାନରେ ଯୁଗ ଯୁଗର ସଭ୍ୟତା ଋଦ୍ଧିମନ୍ତ।"

ମୁଁ ମଧ୍ୟ କହିଲି, "ଠିକ୍ କଥା କହିଛ ମୁନା ଡାକ୍ତର ! ସେ ହେଉଚ଼ି ମା' ଯା'ର କୋଳରେ ଯୁଗ ଯୁଗର ସଭ୍ୟତା ଦୋଳାୟିତ।"

ମୁନା ଡାକ୍ତର କହିଲା, "ତୁମେ ମୋତେ ସାହାଯ୍ୟ କରିବ·ତ ?"

ମୁଁ ନିର୍ଭର ପ୍ରତିଶ୍ରୁତି ଦେଇ କହିଲି, "ମୁନା ଡାକ୍ତର ତୁମେ ଯେତେବେଳେ ମୋର ସାହାଯ୍ୟ ଲୋଡ଼ିବ। ମୁଁ ତୁମକୁ ନିଶ୍ଚୟ ସାହାଯ୍ୟ କରିବି।"

❖❖❖

Source: Author, Digitized by PPRACHIN, SOA

।। ଦୁଇ ।।

ସେଦିନ ଘରଠାରୁ ଅନେକ ଦୂରକୁ ବୁଲି ବାହାରିଥିଲା ମୁନା ଡାକ୍ତର । ମନରେ ତା'ର ଅନେକ ଚିନ୍ତା । ସେ ଚିନ୍ତା ନିଜ ପାଇଁ ନୁହେଁ, ବରଂ ପର ପାଇଁ । ଲୋକେ ରୋଗରେ ପଡ଼ିବେ, ସହରଠାରୁ ଅନେକ ଦୂରରେ ରହିଥିବା ହେତୁ ଟିକିଏ ହେଲେ ଡାକ୍ତରୀ ଚିକିତ୍ସା ପାଇପାରିବେ ନାହିଁ । ସେମାନଙ୍କ ପ୍ରାଣପକ୍ଷୀ ଦେହର ଆଶ୍ରୟ ଛାଡ଼ି ଅଭିମାନରେ ଉଡ଼ିଯିବ ଆର ପାରିକୁ । ଯେଉଁ ପାରିରୁ କେବେ କେହି ପୁଣିଥରେ ଫେରି ଆସନ୍ତି ନାହିଁ ।

ମୁନା ଡାକ୍ତର ଆଉ ଚିନ୍ତାକରି ପାରିଲା ନାହିଁ । ହଠାତ୍ ସେ ନିଜକୁ ଆବିଷ୍କାର କଲା ଜନଶୂନ୍ୟ ଏକ ଶାନ୍ତ ଇଲାକାରେ । ସେହି ଇଲାକାର ମାଇଲ ସ୍ତମ୍ଭପରି ରହିଚି ଘରଟିଏ । ଘରଟିର ଆଗରେ ଲେଖାଅଛି, ''ପ୍ରକୃତି ଚିକିତ୍ସକ ଭିତରେ ଅଛନ୍ତି ।''

ମୁନା ଡାକ୍ତର ବାହାରେ ଥାଇ ପଚାରିଲା, ''ଭିତରକୁ ଯାଇପାରେ କି ?''

''-ଆସନ୍ତୁ ।''

Source: Author, Digitized by PPRACHIN, SOA



ମୁନା ଡାକ୍ତର ଭିତରକୁ ଗଲା ।

"-ଆରେ ଆପଣ ଯେ ଠିଆହେଲେ ? ବସନ୍ତୁ ନା ।"

"-ଧନ୍ୟବାଦ ।" ମୁନା ଡାକ୍ତର ଚେୟାରଟି ଉପରେ ବସୁ ବସୁ କହିଲା ।

ଭଦ୍ରବ୍ୟକ୍ତି ଜଣକ ମୁନା ଡାକ୍ତର ପ୍ରତି ଲକ୍ଷ୍ୟକରି ପଚାରିଲେ, "ଆପଣଙ୍କ ପରିଚୟ ଜାଣିପାରେ କି ?"

ମୁନା ଡାକ୍ତର ନିଜର ପରିଚୟ ଦେବାକୁ ଯାଇ କହିଲା, "ମୋର ପରିଚୟ ଜାଣିବାକୁ ଚାହିଁଥିବାରୁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଚି । କାରଣ ମୋତେ ପିଲାଲୋକ ଭାବି ବଡ଼ମାନେ ଅବହେଳା କରିଥାନ୍ତି । ଏକେତ ଅବହେଳା କରନ୍ତି, ପୁଣି ମୋର ପରିଚୟ ମଧ୍ୟ ସେମାନେ ଲୋଡ଼ନ୍ତି ନାହିଁ ।"

Source: Author, Digitized by PPRACHIN, SOA

''-ବଡ଼ମାନଙ୍କର ଏପରି ମନୋଭାବ ଠିକ୍ ନୁହେଁ ।'' ଉତ୍ତର ଦେଲେ ଭଦ୍ରବ୍ୟକ୍ତି ଜଣକ ।

''-ମୁଁ ହେଉଛି ମୁନା ଡାକ୍ତର ।'' ହସି ହସି ନିଜର ପରିଚୟ ଦେଲା ମୁନା । ପୁଣି ଜିଜ୍ଞାସୁ ନୟନରେ ପଚାରିଲା, ''ଆପଣଙ୍କ ପରିଚୟ ଦେଲେ ମୁଁ ଖୁସିହେବି । ଆପଣ ସେଠାରେ କ'ଣ ସବୁ ରଖିଛନ୍ତି ? ମେଞ୍ଚାଏ କାଦୁଅ, ଗୋଟିଏ ପରଦା, ପୁଣି ପାଣିଥିବା ମାଠିଆଟିର ତଳେ ନିଆଁଜାଳି ପାଣିକୁ ବାଷ୍ପୀଭୂତ କରୁଛନ୍ତି ଓ ସେହି ବାଷ୍ପରୁ ପୁଣି ପାଣି ସଂଗ୍ରହ କରୁଛନ୍ତି । ଏସବୁ କ'ଣ ହେଉଛି ? ମୁଁ କିଛି ବୁଝି ପାରୁନାହିଁ ।''

ମୁନାର ପ୍ରଶ୍ନ ଗୁଡ଼ିକ ଶୁଣିଲେ ପ୍ରକୃତି ଚିକିତ୍ସକ । କହିଲେ, ''ତୁମେ ଠିକ୍ ପ୍ରଶ୍ନ ପଚାରିଛ ମୁନା ଡାକ୍ତର । ମାତ୍ର ପ୍ରଶ୍ନଗୁଡ଼ିକର ଉତ୍ତର ଶୁଣିବା ପୂର୍ବରୁ ମୋର ପରିଚୟ ମୁଁ ତୁମକୁ ଦେଇ ଦଉଛି ।''

ମୁନା ଡାକ୍ତର ପରିଚୟ ଜାଣିବା ପାଇଁ ଆଗ୍ରହ ସହକାରେ ଚାହିଁ ରହିଲା ଭଦ୍ରବ୍ୟକ୍ତିଙ୍କ ଆଡ଼କୁ ।

ଭଦ୍ରବ୍ୟକ୍ତି ଜଣକ ଆରମ୍ଭ କଲେ, ''ମୋର ପରିଚୟ ହେଲା 'ପ୍ରକୃତି ଚିକିତ୍ସକ' । କେହି କେହି ମୋତେ 'ନେଚ଼ର ପାଥିଷ୍ଟ' ବୋଲି ମଧ୍ୟ ଡାକିଥାନ୍ତି ।''

ମୁନା ଡାକ୍ତର କହିଲା, ''ତା'ହେଲେ ଆପଣ ହେଉଛନ୍ତି 'ଡାକ୍ତର ପ୍ରକୃତି ଚିକିତ୍ସକ' !''

ଭଦ୍ରବ୍ୟକ୍ତି ଜଣକ କହିଲେ, ''ହଁ, ତୁମେ ମୋତେ 'ଡାକ୍ତର ନେଚ଼ର ପାଥିଷ୍ଟ' ବୋଲି ସମ୍ବୋଧନ କରିପାର । ସେପରି ସମ୍ବୋଧନ କଲେ ମୋ ତରଫରୁ କୌଣସି ଆପତ୍ତି ନାହିଁ । ପୁଣି ମୋତେ ତୁମେ 'ଡାକ୍ତର ପ୍ରକୃତି ଚିକିତ୍ସକ' ଯଦି ଡାକ ସେଥିରେ ବରଂ ମୁଁ ବିଶେଷ ଖୁସିହେବି । କାରଣ ସବୁବେଳେ ମୁଁ ମୋର ପ୍ରାକୃତିକ ପରିବେଶ ନେଇ

Source: Author, Digitized by PPRACHIN, SOA

ଗତି କରିଥାଏ ଓ ମୋର ପରିବେଶ ଅନୁଯାୟୀ ନିଜର ପରିଚୟ ଦେବାରେ ମଧ୍ୟ ଆନନ୍ଦ ପାଇଥାଏ ।

ଡାକ୍ତର ପ୍ରକୃତି ଚିକିତ୍ସକଙ୍କ ପାଟିରୁ କଥା ନ ସରୁଣୁ ମୁନା ଡାକ୍ତର ପଚାରିଲା, "ଆଚ୍ଛା, ଡାକ୍ତର! ଆପଣଙ୍କ ଚିକିତ୍ସାର ମୂଳନୀତି ନିୟମ ବିଷୟରେ ମୋତେ କିଛି କହିବେ କି ?"

"-ଅତି ସରଳ ।" କହିଲେ ଡାକ୍ତର ପ୍ରକୃତି ଚିକିତ୍ସକ । ପୁଣି ଆରମ୍ଭକଲେ, "ମୋର ଚିକିତ୍ସାର ମୂଳନୀତି ନିୟମମାନ କହିବା ପୂର୍ବରୁ ମୁଁ ତୁମକୁ କେତେଗୁଡ଼ିଏ ପ୍ରଶ୍ନ ପଚାରିବି । ମୋର ପ୍ରଶ୍ନ ଗୁଡ଼ିକର ଯଥାର୍ଥ ଉତ୍ତର ଦେବାକୁ ତୁମେ ଚେଷ୍ଟା କରିବ । ଫଳରେ ପ୍ରଶ୍ନୋତ୍ତର ମାଧ୍ୟମରେ ଆମ ଦୁଇଜଣଙ୍କର ଭାବର ବିନିମୟ ହୋଇପାରିବ ଏବଂ ତୁମେ ମୋର ଚିକିତ୍ସାର ମୂଳନୀତି ଓ ନିୟମମାନ ମଧ୍ୟ ଭଲଭାବେ ବୁଝି ପାରିବ ।"

ମୁନା ଡାକ୍ତର ପ୍ରକୃତି ଚିକିତ୍ସକଙ୍କ କଥାଶୁଣି କହିଲା, "ଆପଣ ମୋତେ ପ୍ରଶ୍ନ ପଚାରି ପାରନ୍ତି । ମୁଁ ମଧ୍ୟ ଆଶା କରୁଛି ଯେ ମୁଁ ଆପଣଙ୍କ ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇପାରିବି । କାରଣ ମୁଁ ପ୍ରକୃତି ଚିକିତ୍ସକ ନ ହେଲେ ମଧ୍ୟ ଜଣେ ମୁନା ଡାକ୍ତର ।"

ମୁନାର କଥାଶୁଣି ଡାକ୍ତର ପ୍ରକୃତି ଚିକିତ୍ସକ ଏକ ଖୋଲା ହସଟିଏ ହସିଲେ । ତାଙ୍କ ସହିତ ମୁନା ମଧ୍ୟ ହସରେ ଯୋଗଦେଲା ।

ଡାକ୍ତର ପ୍ରକୃତି ଚିକିତ୍ସକ ମୁନା ଡାକ୍ତରର ମୁହଁକୁ ଥରେ ଦୁଇଥର ନଜର ପକାଇ କହିଲେ, "ଆଚ୍ଛା, ମୁନା ଡାକ୍ତର ! କହିଲ- ମଣିଷର ଶରୀର କେଉଁଥିରେ ଗଢ଼ା ?"

ମୁନା ଡାକ୍ତର ତତ୍‌କ୍ଷଣାତ୍ ଉତ୍ତର ଦେଲା, "ମଣିଷର ଶରୀର କଥା ପଚାରୁଛନ୍ତି ତ ?"

ଡାକ୍ତର ପ୍ରକୃତି ଚିକିତ୍ସକ କହିଲେ, "ହଁ ।"

ମୁନା ଡାକ୍ତର ଉତ୍ତର ଦେଲା, "ଆକାଶ, ଅଗ୍ନି, ଜଳ, ମାଟି ଓ ପବନକୁ ନେଇ ।"

Source: Author, Digitized by PPRACHIN, SOA

"-ସାବାସ୍ ମୁନା ଡାକ୍ତର !" ଡାକ୍ତର ପ୍ରକୃତି ଚିକିତ୍ସକଙ୍କ କଣ୍ଠରେ ଥିଲା ମୁନା ଡାକ୍ତର ପ୍ରତି ଏକ ଧନ୍ୟବାଦର ବାଣୀ ।

ମୁନାର ପ୍ରଥମ ପ୍ରଶ୍ନଟିର ଉତ୍ତରକୁ ନେଇ ଡାକ୍ତର ପ୍ରକୃତି ଚିକିତ୍ସକ ପୁଣି ପ୍ରଶ୍ନଟିର ଖିଅଟିଏ ଯୋଡ଼ି ମୁନାକୁ ପଚାରିଲେ, "ଆଚ୍ଛା, କହିଲ ମୁନା ଡାକ୍ତର ! ଆକାଶ, ଅଗ୍ନି, ଜଳ, ମାଟି ଓ ପବନରୁ ଯେଉଁ ପରିବେଶର ସନ୍ଧାନ ଆମେ ପାଉ ସେହି ପରିବେଶକୁ ଆମେ ଆଉ କ'ଣ କହି ପାରିବା ?"

"-ପ୍ରକୃତି !" ମୁନା ଡାକ୍ତର ଉତ୍ତର ଦେଲେ ।

ମୁନା ଡାକ୍ତରର ପ୍ରଶ୍ନର ଉତ୍ତର ଶୁଣି ଡାକ୍ତର ପ୍ରକୃତି ଚିକିତ୍ସକ ଅତି ଖୁସିହୋଇ କହିଲେ, "ପ୍ରକୃତରେ ମୁନା ଡାକ୍ତର ! ତୁମେହିଁ ପ୍ରକୃତିର ପ୍ରକୃତ ସନ୍ତାନ । ତୁମେ ହିଁ ହେଉଛ ବାଉଁଶନଳୀ ସାହାଯ୍ୟରେ



Source: Author, Digitized by PPRACHIN, SOA

ଦୂର ଦୂରାନ୍ତ ଗ୍ରହର ଗତି ବିଧି ଲକ୍ଷ୍ୟ କରୁଥିବା ସିଦ୍ଧାନ୍ତ ଦର୍ପଣର ବୈଜ୍ଞାନିକ ଚନ୍ଦ୍ରଶେଖରଙ୍କ ପ୍ରକୃତ ଦାୟାଦ ।''

ମୁନା ଡାକ୍ତର କହିଲା, ''ମୋର ବିଶ୍ୱାସ ହେଉନାହିଁ ।''

ଡାକ୍ତର ପ୍ରକୃତି ଚିକିତ୍ସକ କହିଲେ, ''ତୁମର ବିଶ୍ୱାସ ହେଉ ନ ହେଉ ମୋର ସେଥିରେ ଯାଏ ଆସେ ନାହିଁ । ମାତ୍ର ତୁମଭଳି ଭବିଷ୍ୟତର ଏକ ଯୋଗ୍ୟ ବଂଶଧର ଆଗରେ ମୁଁ ଅବଶ୍ୟ ପ୍ରକୃତି ଚିକିତ୍ସାର ମୂଳତତ୍ତ୍ୱ କହିବି ।''

ମୁନା ଡାକ୍ତର ପ୍ରକୃତି ଚିକିତ୍ସକଙ୍କ ଭାବବିହ୍ୱଳିତ କଥା କେଇପଦ ଶୁଣି ମସ୍ତକ ଅବନତ କରି କହିଲା, ''ଡାକ୍ତର, ଆପଣ ପ୍ରକୃତ ବିଷୟବସ୍ତୁଠାରୁ ଦୂରକୁ ଚାଲି ଯାଉଛନ୍ତି ।''

ପ୍ରକୃତି ଚିକିତ୍ସକ ଅଳ୍ପହସି କହିଲେ, ''ଅପ୍ରିୟ ହେଲେ ମଧ୍ୟ କଥାଟି ସତ । ଯେ ଦୂରକୁ ଯାଇ ପାରିଛି ଓ ସତ୍ୟର ସନ୍ଧାନ ପାଇ ପାରିଛି ସେ ନିଜ ପାଖରେ ନିଜର ମଧ୍ୟ ଏକ ଠିକଣା ରଖିପାରିଛି । ତା'ର ଅବସ୍ଥା କସ୍ତୁରୀଥିବା ମୃଗପରି କ'ଣ ନୁହେଁ ! କସ୍ତୁରୀର ବାସ ନିଜ ହୃଦୟରୁ ଛୁଟୁଛି, ମାତ୍ର ସେ ଖୋଜି ଚାଲିଛି ଦୂରକୁ.... ଅନେକ ଦୂରକୁ ।''

ମୁନା ଡାକ୍ତର ଏକ ବୁଦ୍ଧିମାନ ବାଳକ ପରି ପଚାରିଲା, ''ଦୟାକରି ଉଦାହରଣଟିଏ ଦେଇ କହିବେ କି ?''

ଡାକ୍ତର ପ୍ରକୃତି ଚିକିତ୍ସକ କହିଲେ, ''ଉଦାହରଣ ସ୍ୱରୂପ ମଣିଷର ଶରୀରକୁ ନିଆଯାଇପାରେ ।''

ମୁନା ଡାକ୍ତର କହିଲ, ''ବେଶ୍ ଭଲ ହେବ ।''

ପ୍ରକୃତି ଚିକିତ୍ସକ କହିଲେ, ''ଆଗରୁ ତ ଆମେ ଆଲୋଚନା କରୁଥିଲେ ଯେ, ମଣିଷର ଶରୀର ହେଉଛି ଆକାଶ, ଅଗ୍ନି, ଜଳ, ମାଟି ଓ ପବନ ଦ୍ୱାରା ଗଢ଼ା । ସେହି ଆକାଶ ଅଗ୍ନି, ଜଳ, ମାଟି ଓ ପବନ

Source: Author, Digitized by PPRACHIN, SOA

ହିଁ ନିର୍ଦ୍ଧାରିତ କରିଥାନ୍ତି, ମାନବ ଶରୀର ତତ୍ତ୍ୱର ପ୍ରକୃତି । ଯଦି ସେମାନଙ୍କ ନିର୍ଦ୍ଧାରଣ ପ୍ରକ୍ରିୟାରେ କିଛି ବ୍ୟତିକ୍ରମ ଦେଖାଯାଏ, ତେବେ ମଣିଷକୁ ନାନାଦି ରୋଗ ଆକ୍ରମଣ କରେ । ତେଣୁ ରୋଗର ଉପଶମ କରିବା ପାଇଁ ଆମେ ପ୍ରକୃତି ଚିକିତ୍ସକମାନେ ସାଧାରଣତଃ ପ୍ରକୃତି ଉପରେ ଅଖଣ୍ଡ ବିଶ୍ୱାସ ରଖି ଆମର ଚିକିତ୍ସା ପ୍ରଣାଳୀ ଅବଲମ୍ବନ କରିଥାଉ ।''

ମୁନା ଡାକ୍ତର ସନ୍ଦିଗ୍ଧ ଚିତ୍ତରେ ପ୍ରଶ୍ନକଲା, ''କ'ଣ ବାହ୍ୟ ପ୍ରକୃତି ?''

ପ୍ରକୃତି ଚିକିତ୍ସକ କହିଲେ, ''ତୁମେ ଭଲ ପ୍ରଶ୍ନଟିଏ ପଚାରିଛ ମୁନା ଡାକ୍ତର । ସବୁ ସମୟରେ ଆମେ ବାହ୍ୟ ପ୍ରକୃତି ଉପରେ ମଧ୍ୟ ଗୁରୁତ୍ୱ ଦେଉନାହୁଁ । ରୋଗର ଚିକିତ୍ସା କଲାବେଳେ ଆମକୁ ବାହ୍ୟପ୍ରକୃତି ସମ୍ପର୍କରେ ଯେତିକି ଚିନ୍ତାକରିବାକୁ ପଡ଼ିଥାଏ, ତାହାଠାରୁ ଅଧିକ ରୋଗୀର ଅନ୍ତଃପ୍ରକୃତିକୁ ମଧ୍ୟ ବିଚାରକୁ ନିଆଯାଇଥାଏ ।''

''ତା'ହେଲେ ଆପଣମାନେ କେତେକ ସରଳ ପଦ୍ଧତିକୁ ଧରି ଚିକିତ୍ସା କରିଥାନ୍ତି'', କହିଲା ମୁନା ଡାକ୍ତର ।

''ଆମର ପଦ୍ଧତି ଯେପରି ସରଳ ରୋଗର ଉପଶମ ମଧ୍ୟ ସେହିପରି ସହଜରେ ହୋଇଥାଏ'', ପ୍ରକୃତି ଚିକିତ୍ସକ କହିଲେ ।

ମୁନା ପଚାରିଲା, ''କିପରି ?''

ଡାକ୍ତର ପ୍ରକୃତି ଚିକିତ୍ସକ କହିଲେ, ''ଦେଖ ମୁନା ଡାକ୍ତର ! ଜଣକ ହାତରେ ନିଆଁ ଲାଗିଗଲେ ହାତରେ ନିଶ୍ଚୟ ଫୋଟକା ଦେଖାଦେବ । ହାତରେ ନିଆଁ ଲାଗିଥିବା ପିଲାଟି ଯନ୍ତ୍ରଣା ଦାଉରୁ ରକ୍ଷା ପାଇବାପାଇଁ ଯଦି ପାଣିରେ ହାତ ବୁଡ଼ାଇବ, ତେବେ ସାଧାରଣତଃ ବଡ଼ମାନେ କହିବେ... ଥାଉ, ଥାଉ, ହାତକୁ ପାଣିରେ ବୁଡ଼ାଅ ନାହିଁ । କୌଣସି ଔଷଧ ଲଗାଇଦେବା, ହାତ ଭଲ ହୋଇଯିବ ।''

''ହାତକୁ ପାଣିରେ ବୁଡ଼ାଇବା ଦ୍ୱାରା ତ ଫୋଟକା ହୁଏ । ଗତବର୍ଷ ମୋର ହାତରେ ନିଆଁ ଲାଗିଥିଲା । ମୁଁ ନିଜେ ଯନ୍ତ୍ରଣାରୁ ରକ୍ଷା ପାଇବାପାଇଁ

Source: Author, Digitized by PPRACHIN, SOA

ପାଣିରେ ହାତ ବୁଡ଼ାଇଲି । ହାତକାଢ଼ି ଦେଖିଲି ଯେ ହାତଯାକ ଫୋଟକା ହୋଇ ଯାଇଛି ।'', ମୁନା କହିଲା ।

ପ୍ରକୃତି ଚିକିତ୍ସକ ମୁନାକୁ ପଚାରିଲେ, ''ଆଚ୍ଛା କହିଲ, ତୁମେ ଯନ୍ତ୍ରଣା ଶେଷପରେ ପାଣିରୁ ହାତ କାଢ଼ିଲ ନା ପରେ କାଢ଼ିଲ ?''

''ଯନ୍ତ୍ରଣାଥିବା ସମୟରେ'', ମୁନା ଡାକ୍ତର ଉତ୍ତର ଦେଲା ।

''ସେହିଠାରେ ହିଁ ତୁମର ଭୁଲ ରହିଗଲା ମୁନା ଡାକ୍ତର । ଆମେ ପ୍ରକୃତି ଚିକିତ୍ସକମାନେ ହାତ ପୋଡ଼ିଗଲେ ହାତକୁ ପାଣିରେ ବୁଡ଼ାଇ ରଖିବାକୁ କହୁ । ଯନ୍ତ୍ରଣା ବା ପୋଡ଼ାଜଳା ଥିବାପର୍ଯ୍ୟନ୍ତ ହାତକୁ ପାଣିରେ ବୁଡ଼ାଇ ରଖିବାକୁ ପଡ଼େ । ପୋଡ଼ାଜଳା କମିଗଲେ ରୋଗୀକୁ ହାତ କାଢ଼ିବାକୁ କୁହାଯାଏ । ତା'ପରେ ଦେଖିବ ହାତ ଏକରକମର ଭଲ ହୋଇଯାଇଛି ଓ ହାତରେ ଗୋଟିଏ ହେଲେ ଫୋଟକା ନାହିଁ ।''

ଏହି ସମୟରେ ଦଳେ ଲୋକଙ୍କ ପାଟିତୁଣ୍ଡ ଅଳ୍ପ ଦୂରରୁ ଶୁଣାଗଲା ।

ସେମାନଙ୍କ କୋଳାହଳ ଶୁଣି ମୁନା କହିଲା, ''ବୋଧହୁଏ ନିକଟରେ କୌଣସି ଗଣ୍ଡଗୋଳ ହୋଇଛି ।''

''ମୁଁ ଅବଶ୍ୟ କୌଣସି ଗଣ୍ଡଗୋଳର ସୂଚନା ପାଉନାହିଁ । ମୋର ଯାହା ମନେ ହେଉଛି ଗୋଟାଏ କିଛି ଦୁର୍ଘଟଣା ନିକଟସ୍ଥ ଶ୍ରମିକ କଲୋନିରେ ଘଟିଗଲା'', କହିଲେ ପ୍ରକୃତି ଚିକିତ୍ସକ ।

ଏହି ସମୟରେ ଦଳେଲୋକ ଗୋଟିଏ ଅର୍ଦ୍ଧଦଗ୍ଧ ଲୋକକୁ ଡାକ୍ତର ପ୍ରକୃତି ଚିକିତ୍ସକଙ୍କ ଡାକ୍ତରଖାନା ଆଡ଼କୁ ବୋହି ଆଣୁଥିବାର ଦେଖାଗଲା ।

ଲୋକଟିକୁ ବୋହି ଆଣୁ ଥିବାର ଦୃଶ୍ୟ ଦେଖି ଡାକ୍ତର ପ୍ରକୃତି ଚିକିତ୍ସକ ନିଜର ବସିବା ସ୍ଥାନରୁ ଉଠି ଠିଆହେଲେ । ପାଟିରୁ ତାଙ୍କର ବାହାରି ଆସିଲା... ''ମୋର ଅନୁମାନ ସତ ।''

ମୁନା ଡାକ୍ତର ମଧ୍ୟ ଉଦ୍ରତାର ସହିତ ଚେୟାର ଛାଡ଼ି ଠିଆହେଲା ।

Source: Author, Digitized by PPRACHIN, SOA

ଚାହୁଁ ଚାହୁଁ ଲୋକେ ରୋଗୀଟିକୁ ପ୍ରକୃତି ଚିକିତ୍ସକଙ୍କ ଚିକିତ୍ସା ଗୃହରେ ଶୁଆଇ ଦେଲେ ଓ ଡାକ୍ତର ପ୍ରକୃତି ଚିକିତ୍ସକଙ୍କ ମୁହଁକୁ ଚାହିଁଲେ । ସେତେବେଳେ ରୋଗୀଟିର କରୁଣ ଚିତ୍କାର ଡାକ୍ତରଖାନାର ବାୟୁମଣ୍ଡଳ ଭେଦ କରି ସାରିଥିଲା ।

ଏହି ସମୟରେ ଜଣେ ସ୍ତ୍ରୀଲୋକ ଡାକ୍ତର ପ୍ରକୃତି ଚିକିତ୍ସକଙ୍କ ଗୋଡ଼ଧରି କାନ୍ଦି ପକେଇଲେ । ସେ ଯେମିତି କହିବାକୁ ଚାହୁଁଥିଲେ, ‘‘ଆପଣ ରକ୍ଷା କରନ୍ତୁ । ମୋର ଭେଣ୍ଡିଆ ପୁଅକୁ ଛାଡ଼ି ମୁଁ ବଞ୍ଚିପାରିବିନି ।’’



ମୁନା ଡାକ୍ତର ନିଜର ପ୍ରିୟ ଡାକ୍ତର ପ୍ରକୃତି ଚିକିତ୍ସକଙ୍କ ମୁହଁକୁ ଚାହିଁଲେ । ଦେଖିଲେ ସେ ଖୁବ୍ ସତର୍କତାର ସହ ରୋଗୀକୁ ଅନୁଧ୍ୟାନ କରୁଛନ୍ତି ।

Source: Author, Digitized by PPRACHIN, SOA

ଡାକ୍ତର ପ୍ରକୃତି ଚିକିତ୍ସକ ଆଉ ବେଶୀ ସମୟ ଡେରି ନ କରି ତାଙ୍କର ଜଣେ ସହଯୋଗୀକୁ ଡାକ୍ତରଖାନା ନିକଟରେ ଥିବା ଏକ ପଙ୍କମୟ ସ୍ଥାନକୁ ଖୋଳିବାକୁ କହିଲେ ।

ଗାତ ଖୋଳାଗଲା ।

ସେହି ଗାତରେ ଲୋକଟିର ଦେହକୁ ବେକ ପର୍ଯ୍ୟନ୍ତ ପୋତି ଦିଆଗଲା ।

କେହି କେହି ଡାକ୍ତର ପ୍ରକୃତି ଚିକିତ୍ସକଙ୍କ ଏ ପ୍ରକାରର ଚିକିତ୍ସା ପ୍ରଣାଳୀକୁ ପସନ୍ଦ କଲେ ନାହିଁ । ଆଉ କେତେକ ଏଣେ ତେଣେ ଫୁସ୍ ଫାସ୍ ହେଲେ । କେହି କେହି ମଧ୍ୟ କହିଲେ... ଔଷଧ ପତ୍ରନାହିଁ । ପଙ୍କରେ ରୋଗୀକୁ ପୋତିଲେ ରୋଗୀର ଅବସ୍ଥା ବେଶୀ ସଙ୍କଟାପନ୍ନ ହେବ ।

ଲୋକଙ୍କର ଏପରି ଆଲୋଚନାବେଳେ ମୁନା ସେମାନଙ୍କ ଭିତରେ ଥିଲା । ସେମାନଙ୍କ ଆଲୋଚନା ଶୁଣି ସେ ମନ କଷ୍ଟ କଲା । ସେ ଲୋକମାନଙ୍କ ପ୍ରତି ଲକ୍ଷ୍ୟକରି କହିଲା, "ଆପଣମାନଙ୍କର ଅଳ୍ପବିଦ୍ୟା । ଅଳ୍ପବିଦ୍ୟା ସବୁବେଳେ ଭୟଙ୍କରୀ । ତେଣୁ ଆପଣମାନେ କିଛି ନ ଜାଣି ପ୍ରକୃତି ଚିକିତ୍ସକଙ୍କ ବିରୋଧରେ ଆଲୋଚନା କରିବା ଅନୁଚିତ ।"

ମୁନା ଡାକ୍ତରର କଥାଶୁଣି ଜଣେ ଅର୍ଦ୍ଧଶିକ୍ଷିତ ଯୁବକ ପାଟିକରି କହିଲେ, "ଆପଣ କ'ଣ କହିବାକୁ ଚାହୁଁଛନ୍ତି ?"

ମୁନା ଡାକ୍ତର କହିଲା, "ଆପଣମାନେ ପ୍ରକୃତି ଚିକିତ୍ସା ବିଷୟରେ କିଛି ଜାଣିନାହାନ୍ତି । ଯଦି କେହି କିଛି ଜାଣନ୍ତି ତେବେ ତାହା ଡାକ୍ତର ପ୍ରକୃତି ଚିକିତ୍ସକଙ୍କ ଠାରୁ ଅଧିକ ନୁହେଁ । ତେଣୁ ଡାକ୍ତରଙ୍କ ଚିକିତ୍ସା ନ ସରିବା ପୂର୍ବରୁ ଡାକ୍ତରଙ୍କ ଚିକିତ୍ସା ପ୍ରତି ଆପଣମାନେ ସନ୍ଦେହ ପ୍ରକାଶ କରିବା ଅନ୍ୟାୟ ହେବ ।"

ଲୋକମାନଙ୍କ ମଧ୍ୟରୁ ଜଣେ ପଚାରିଲା, "ଆପଣ କ'ଣ ଡାକ୍ତରଙ୍କ ପୁଅ ।"

Source: Author, Digitized by PPRACHIN, SOA

ମୁନା ଡାକ୍ତର କହିଲା, ''ଆପଣମାନଙ୍କର ଏ ପ୍ରକାର ପ୍ରଶ୍ନର ଅର୍ଥ କ'ଣ ?''

ଲୋକଟି କହିଲା, ''ଯେହେତୁ ଆପଣ ଡାକ୍ତରୀବିଦ୍ୟା ସମ୍ପର୍କରେ ଆପଣଙ୍କ ମତାମତ ଦେଲେ ।''

ମୁନା କହିଲା, ''ନା ଆପଣମାନଙ୍କର ଏ ପ୍ରକାର ଧାରଣା ସପକ୍ଷରେ କୌଣସି ଯୁକ୍ତି ନାହିଁ ।''

''ତେବେ ଆପଣ କାହାର ପୁଅ ?'' ଲୋକଟି ପଚାରିଲା ।

''ମୁଁ ଆପଣମାନଙ୍କର'', ମୁନା ଡାକ୍ତର ଉତ୍ତର ଦେଲା ।

ଲୋକଟି ଆଶ୍ଚର୍ଯ୍ୟରେ ମୁନା ଡାକ୍ତର ଆଡ଼କୁ ଚାହିଁଲା ।

ମୁନା ଲୋକଟିର ହାବଭାବ ଲକ୍ଷ୍ୟକରି କହିଲା, ''ଆପଣ ଆଶ୍ଚର୍ଯ୍ୟ ହେବାର ସେମିତି କିଛି କାରଣ ନାହିଁ । ମୁଁ ହେଉଛି ମୁନା; ଆପଣମାନଙ୍କର କୁନିପୁଅ ମୁନା ଯେପରି ମୁଁ ମଧ୍ୟ ସେପରି । ସେମାନଙ୍କ ଭିତରେ ଚେତନା ଅଛି, ମୋ ଭିତରେ ମଧ୍ୟ ଚେତନା ଅଛି । ସେମାନଙ୍କୁ ସେମାନଙ୍କ ଚେତନାର ବିଭିନ୍ନ ସ୍ତରର ବିକାଶ ଯେପରି ଡାକ୍ତର, ଇଞ୍ଜିନିୟର ବା କୃଷିବିଦ୍ କରି ଗଢ଼ି ତୋଳୁଛି, ସେହିପରି ମୋର ଚେତନାର ସ୍ତର ମୋତେ ଡାକ୍ତର କରି ଗଢ଼ି ତୋଳୁଛି । ତେଣୁ ମୁଁ ମୁନା ଓରଫ୍ ମୁନା ଡାକ୍ତର । ଆପଣମାନଙ୍କର ଓ ଆମ ଦେଶର ଶହ ଶହ ପୁଅ ମୁନାମାନଙ୍କ ପରି ।''

ମୁନା ଡାକ୍ତରର ଏକ ସ୍ୱଳ୍ପ ଓ ଅଥଚ ତଥ୍ୟଗତ ଭାଷଣ ଶୁଣି ସମବେତ ଜନତା ମଧ୍ୟରୁ ଜଣକ ପାଟିରୁ ବାହାରି ଆସିଲା, ''ଆରେ ବାଃ, ପ୍ରକୃତ ଡାକ୍ତରମାନଙ୍କ ଅପେକ୍ଷା କେଡ଼େ ସାଂଘାତିକ ଜୀବ ହେଉଛନ୍ତି ଏ ଦେଶର ମୁନା ଡାକ୍ତରମାନେ ।''

ଏହି ସମୟରେ ଡାକ୍ତର ପ୍ରକୃତି ଚିକିତ୍ସକ ରୋଗୀଟିକୁ ପଚାରୁଥିବାର ଶୁଣାଗଲା, ''କ'ଣ ତୋର ଦେହର ପୋଡ଼ା ଜଳା କମିଗଲା ?''

Source: Author, Digitized by PPRACHIN, SOA

ସେଠାରେ ସମବେତ ହୋଇଥିବା ଆଶଙ୍କାଜଡ଼ିତ ଜନତାର ନଜର ଯାଇ ପଡ଼ିଲା ରୋଗୀ ଉପରେ ।

ରୋଗୀଟି ହସିହସି କହିଲା, ''କ-ମି-ଛି ।''

ଡାକ୍ତର ପ୍ରକୃତି ଚିକିତ୍ସକ ପଚାରିଲେ, ''ତୁ ଆଉ ଯନ୍ତ୍ରଣା ଅନୁଭବ କରୁନାହୁଁ ତ ?''

''ନା', ରୋଗୀଟି ଉତ୍ତର ଦେଲା । ପୁଣି କହିଲା, ''ମୋତେ ବହୁତ ଶୋଷ ହେଉଛି ।''

ଡାକ୍ତର ପ୍ରକୃତି ଚିକିତ୍ସକ କହିଲେ, ''ତୋତେ ବର୍ତ୍ତମାନ ପଙ୍କରୁ ବାହାରକରି ଅଣାଯିବ ଓ ଅଳ୍ପ ପଇଡ଼ପାଣି ମଧ୍ୟ ପିଇବାକୁ ଅନୁମତି ଦିଆଯିବ ।''

ରୋଗୀଟି ପଚାରିଲା, ''ମୋର ଦେହ ?''

ଡାକ୍ତର ପ୍ରକୃତି ଚିକିତ୍ସକ କହିଲେ, ''ତୋର ଦେହ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବାକୁ ହୁଏତ ଏକ ମାସରୁ ଅଧିକ ସମୟ ଲାଗି ଯାଇପାରେ । ମାତ୍ର ମୁଁ ଆଶ୍ୱସ୍ତ ଯେ, ତୁମେ ବର୍ତ୍ତମାନ ବିପଦଶୂନ୍ୟ ।''

ନିଜ ଦେହ ଓ ମନରେ ବହୁ ଯନ୍ତ୍ରଣା ଥାଇ ମଧ୍ୟ ରୋଗୀଟି ହସିବାକୁ ଚେଷ୍ଟାକଲା । ସତେ ଯେମିତି ସେ ହସ ମଧ୍ୟରେ ତା'ର ଯନ୍ତ୍ରଣା ସବୁ ହଜିଯାଇଛି ଓ ସେ ଆରୋଗ୍ୟ ଲାଭ କରିଛି ।

ସେତେବେଳକୁ ନୀଡ଼ହରା ପକ୍ଷୀମାନେ ନିଜ ନିଜର ବସାକୁ ଫେରି ଆସୁଥାନ୍ତି । ସନ୍ଧ୍ୟାକାଳୀନ ପ୍ରାର୍ଥନାର ସଙ୍କେତ ସ୍ୱରୂପ ନିକଟସ୍ଥ ମହାଦେବ ମନ୍ଦିରରୁ ଭାସି ଆସିଲା ଘଣ୍ଟା ଓ ଆଳତୀର ଧ୍ୱନି ।

ଡାକ୍ତର ପ୍ରକୃତି ଚିକିତ୍ସକ ମୁନା ପ୍ରତି ଲକ୍ଷ୍ୟକରି କହିଲେ, ''ତୁମେ ବର୍ତ୍ତମାନ ଯାଇପାର । ଘରେ ତୁମକୁ ତୁମର ବାପା ଓ ମା' ଅପେକ୍ଷା କରି ବ୍ୟସ୍ତ ହୋଇ ଉଠିବେଣି ।''

Source: Author, Digitized by PPRACHIN, SOA

ମୁନା ଡାକ୍ତର ହସି ହସି କହିଲା, ‘‘ଆପଣଙ୍କ ସହିତ କିଛି ସମୟ ବିତାଇବାକୁ ମୋତେ ଅନୁମତି ଦେଇଥିବା ହେତୁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି ।’’

ଡାକ୍ତର ପ୍ରକୃତି ଚିକିତ୍ସକ ହସିଲେ ।

ମୁନା ଡାକ୍ତର ପ୍ରକୃତି ଚିକିତ୍ସକଙ୍କୁ ଅଭିବାଦନ ଜଣାଇ କହିଲେ, ‘‘ସୁ-ସନ୍ଧ୍ୟା ।’’

ପ୍ରତିବଦଳରେ ଡାକ୍ତର ପ୍ରକୃତି ଚିକିତ୍ସକ ହାତଯୋଡ଼ି ମୁନା ଡାକ୍ତର ପ୍ରତି ସୁ-ସନ୍ଧ୍ୟା ଜଣାଇଲେ ।

❖❖❖

Source: Author, Digitized by PPRACHIN, SOA

।। ତିନି ।।

ପାହାନ୍ତା ପହରର ସୂଚନା । ଅଦୂରରୁ ଭାସି ଆସୁଛି ପାହାନ୍ତିଆ କୁକୁଡ଼ାର କ-କ-ଶବ୍ଦ ।



Source: Author, Digitized by PPRACHIN, SOA

ମୁନା ଡାକ୍ତର ଶଯ୍ୟା ତ୍ୟାଗକଲା । ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରିବା ମୁନା ଡାକ୍ତରର ଅଭ୍ୟାସ । ଶଯ୍ୟା ତ୍ୟାଗ ପରେ ପରେ ସେ ତା'ର ଦୈନନ୍ଦିନ ନିତ୍ୟକର୍ମ ସାରିଲା ।

ଆଜି ମୁନା ଡାକ୍ତରକୁ ଯିବାକୁ ପଡ଼ିବ ଦୂରକୁ । ସିମୁଳି ପାହାଡ଼ରେ ଅଳ୍ପ କେଇଦିନ ହେଲା ରହିଥିବା ଜଣେ ସାଧୁଙ୍କ ପାଖକୁ ।

ମୁନା ଶୁଣିଛି ସାଧୁଜଣକ ଅନେକ ରୋଗ ଭଲ କରିଛନ୍ତି । ଚାରିଆଡ଼େ ତାଙ୍କର ପ୍ରଶଂସା । ସାଧୁଙ୍କର ଚିକିତ୍ସା ପ୍ରଣାଳୀ ଅଭିନବ ନ ହେଲେ ମଧ୍ୟ ସେଠାକାର ଲୋକମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂତନ ।

ରୋଗର ଉପଚାର ସମ୍ପର୍କରେ ସାଧୁ ମହାଶୟ କହନ୍ତି... ରୋଗପାଇଁ ଔଷଧର ଆବଶ୍ୟକତା ନାହିଁ । ମଣିଷ ଭିତରେ ଅଛି ଅସରନ୍ତି ଶକ୍ତି । ଯାବତୀୟ ଶକ୍ତିର ପ୍ରୟୋଗକରି ତା'ର ଉପକାର ନେବା ଦାୟିତ୍ୱ ହିଁ ମଣିଷର । ମଣିଷ ନିଜର ଶକ୍ତିର ଉତ୍ସକୁ ଠିକ୍ ବାଟରେ ପରିଚାଳିତ କଲେ ସବୁରୋଗ ଆରୋଗ୍ୟ ହୋଇଯିବ । ସେଥିପାଇଁ ଯନ୍ତ୍ରଣା ଦାୟକ କଠୋର ଚିକିତ୍ସାର ଆବଶ୍ୟକତା ନାହିଁ ।

ମୁନା ଡାକ୍ତରକୁ ସାଧୁଙ୍କର ଏତାଦୃଶ କଥା ଆଶ୍ଚର୍ଯ୍ୟ ଜନକ ଲାଗୁଥିଲା । ତେଣୁ ସେ ମନେ ମନେ ଠିକ୍ କଲା ନିଜେ ଯାଇ ସାଧୁଙ୍କୁ ସାକ୍ଷାତ କରିବ ।

ପ୍ରଥମ ସୂର୍ଯ୍ୟଙ୍କ ରକ୍ତିମ କିରଣ ଧରା ପୃଷ୍ଠରେ ପଡ଼ୁ ନ ପଡ଼ୁଣୁ ମୁନା ଡାକ୍ତର ତା'ର ଯାତ୍ରାପଥରେ ବାହାରି ପଡ଼ିଲା । ଦେଖିଲା ବାହାରେ ସବୁଜ ଘାସର ଗାଲିଚା ଉପରେ ପଡ଼ିଥିବା ରକ୍ତିମ କିରଣ କାହିଁକି ଅସ୍ତଗାମୀ ସୂର୍ଯ୍ୟଙ୍କର ଘାସ ଉପରେ ପ୍ରତିଫଳିତ ରକ୍ତିମ ଆଭାଠାରୁ ଯଥେଷ୍ଟ ସୁନ୍ଦର ଦେଖାଯାଉଛି । ମୁନା ଡାକ୍ତର ଆନନ୍ଦର ସହିତ ଉଦୟ ହେଉଥିବା ସୂର୍ଯ୍ୟଙ୍କ ଆଡ଼କୁ ଚାହିଁଲା । ହାତଯୋଡ଼ି ନମସ୍କାର ଜଣାଇଲା । ମନ ମଧ୍ୟରୁ ତା'ର ବାହାରି ଆସିଲା, "ଏଇନା ସେହି ସୂର୍ଯ୍ୟ, ଯିଏ

Source: Author, Digitized by PPRACHIN, SOA



ଚିର ଜାଗ୍ରତ । ଯିଏ ଚିର ଜାଗ୍ରତ ସେ ମରଣୋନ୍ମୁଖ ହେବେ କିପରି ? ସେ ହେଉଛନ୍ତି, ଚିର ଭାସ୍ୱର... ଚିର ଦେଦୀପ୍ୟମାନ ।''

ମୁନା ଡାକ୍ତରର ମନେ ପଡ଼ିଲା ସୂର୍ଯ୍ୟ ସକଳ ଶକ୍ତିର ଆଧାର । ମଣିଷର ଚଳମାନ ଶକ୍ତି ସେହି ଶକ୍ତି ମଧ୍ୟରୁ କ'ଣ ଗୋଟିଏ ନୁହେଁ ?

ଯେଉଁ ଶକ୍ତିର କ୍ଷୟ ଘଟେ, ସେହି ଶକ୍ତି କ'ଣ ତା'ର କ୍ଷୟର ପରିପୂରଣ କରିପାରେ ନାହିଁ ?

ଯେଉଁ କାରଣରୁ ମଣିଷ ଦେହରେ ରୋଗ ଦେଖାଯାଏ, ସେହି କାରଣର ନିଦାନ ପାଇଁ ମଣିଷ ଭିତରେ ଥିବା ଶକ୍ତି କ'ଣ ଯଥେଷ୍ଟ ନୁହେଁ ?

ମୁନା ଡାକ୍ତର ମନେ ମନେ ସ୍ଥିର ନିଶ୍ଚିତ ହେଲା ଯେ, ସାଧୁଙ୍କର ଯୁକ୍ତିର କିଛିଟା ସତ୍ୟତା ଅଛି ।

Source: Author, Digitized by PPRACHIN, SOA

ସିମୁଳି ପାହାଡ଼ । ଏହି ସିମୁଳି ପାହାଡ଼ ହେଉଛି କେତେ କେତେ କବି ଓ ଭାବୁକଙ୍କର ଆଶ୍ରୟସ୍ଥଳୀ । ଶାନ୍ତ ପରିବେଶ ହିଁ କବି ଓ ଭାବୁକଙ୍କୁ ସେମାନଙ୍କ ଭାବନାର ଖୋରାକ ଯୋଗାଇଥାଏ ।

ସେହି ପାହାଡ଼ର ପାଦଦେଶରେ ସାଧୁଙ୍କର ଆଶ୍ରମ ।

ମୁନା ଡାକ୍ତର ଦେଖିଲା ଆଉ ସକାଳ ନାହିଁ । ମଧ୍ୟାହ୍ନର ସୂର୍ଯ୍ୟ ମୁଣ୍ଡ ଉପରେ ହେଲେଣି । ଦେହରେ ଶ୍ରମଜନିତ କ୍ଳାନ୍ତି ଭରି ରହିଛି; ଆଉ ସେ ପହଞ୍ଚି ଯାଇଛି ସାଧୁଙ୍କର ଆଶ୍ରମ ନିକଟରେ ।

ସାଧୁ ଅଦୂରରୁ ମୁନା ଡାକ୍ତରକୁ ଦେଖି ନେଇଥିଲେ । ଆଶ୍ରମରେ ପ୍ରଥମ ଥର ପାଇଁ ପିଲାଟିକୁ ଦେଖିବାକୁ ପାଇଥିବା ହେତୁ ସେ ଖୁବ୍ ଖୁସି ହେଲେ ।

''ନମସ୍କାର !'' ସାଧୁଙ୍କ ପ୍ରତି ମୁନା ଡାକ୍ତର ତା'ର ଅଭିବାଦନ ଜଣାଇଲା ।

ସାଧୁ ଜଣକ ଆଶୀର୍ବାଦ ସୂଚକ ହାତରେ କହିଲେ, ''ଆୟୁଷ୍ମାନ୍ ଭବ ।''

ସାଧୁଙ୍କ ହାତକୁ ଭକ୍ତିର ସହିତ ଏକ ଫୁଲ ତୋଡ଼ା ବଢ଼ାଇ ଦେଉ ଦେଉ ମୁନା ଡାକ୍ତର କହିଲା, ''ଆପଣଙ୍କ ସମ୍ପର୍କରେ ମୁଁ ଅନେକ କଥା ଶୁଣିଛି ।''

ସାଧୁ ଅଳ୍ପ ହସି କହିଲେ, ''କ'ଣ ଶୁଣିଛ ?''

ମୁନା ହସିହସି କହିଲା, ''ଆପଣ ଜଣେ ସାଧୁ.....''

ସାଧୁ କହିଲେ, ''ତାହାହିଁ ତ ମୋର ପରିଚୟ ସମସ୍ତଙ୍କ ନିକଟରେ ।''

''ମାତ୍ର ମୋ ମତରେ...'' ବାକ୍ୟ ସମ୍ପୂର୍ଣ୍ଣ ନ କରି ରହିଗଲା ମୁନା ଡାକ୍ତର ।

Source: Author, Digitized by PPRACHIN, SOA

ସାଧୁ କହିଲେ, ''ଶ୍ରଦ୍ଧାସ୍ପଦ ଡାକ୍ତର ! ବିନା ସଙ୍କୋଚରେ ତୁମେ ତମ ମନ କଥା ମୋ ଆଗରେ କହିପାର ।''

ମୁନା ଟିକିଏ ଚିନ୍ତିତ ହୋଇ ଆରମ୍ଭ କଲା, ''ମୋ ମତରେ ଆପଣ ଜଣେ ସାଧୁ ନୁହନ୍ତି । ଯଦିଓ ସାଧୁ ଭାବରେ ଆପଣ ପରିଚିତ, ତଥାପି ଆପଣ ଜଣେ ଡାକ୍ତର ବା ସାଧୁ ଡାକ୍ତର । ମଣିଷ ଶରୀରକୁ ଆପଣ ତନ୍ନତନ୍ନ କରି ଅଧ୍ୟୟନ କରିଛନ୍ତି । ସେପରି ଅଧ୍ୟୟନ ଥିବାରୁ ହିଁ ଆପଣଙ୍କ ଚିକିତ୍ସା ପ୍ରଣାଳୀକୁ ଅବଲମ୍ବନ କରି ଶହ ଶହ ଲୋକ ଭଲ ହେଉଛନ୍ତି ।''

ଏକ ନିଃଶ୍ୱାସରେ ମନର ଭାବକୁ ବ୍ୟକ୍ତ କରିସାରି ଟିକିଏ ଆଶ୍ୱସ୍ତି ଲାଭ କଲା ମୁନା ଡାକ୍ତର । ପୁଣି ଲକ୍ଷ୍ୟ କଲା ସାଧୁଙ୍କ ମୁଖ ମଣ୍ଡଳକୁ । କାଳେ ତା'ର ମତାମତ ଶୁଣି ସେ ମୁଖମଣ୍ଡଳରେ କିଛି ପ୍ରତିକ୍ରିୟାର ସୂଚନା ରୂପରେଖ ନେଇଥିବ । ମାତ୍ର ଏ କ'ଣ ? ସେ ଯେ ଚିରଶାନ୍ତ; ପ୍ରଶାନ୍ତ ମୁଖମଣ୍ଡଳରେ ତାଙ୍କର ଲେଶମାତ୍ର ପ୍ରତିକ୍ରିୟାର ଚିହ୍ନ ନାହିଁ । ବରଂ ଅତି ସହଜରେ ମୁନା ଡାକ୍ତରର ମତାମତକୁ ଗ୍ରହଣ କରି ନେଇଛନ୍ତି ।

କିଛିକ୍ଷଣ ପାଇଁ ମୁନା ନୀରବ ରହିଲା ।

ତା'ପରେ ସାଧୁ ଜଣକ ଆରମ୍ଭ କଲେ, ''ମୁନା ଡାକ୍ତର ! ତୁମେ ଠିକ୍ ଅନୁମାନ କରି ପାରିଛ । ମୁଁ ଜଣେ ଗତାନୁଗତିକ ସାଧୁ ନୁହେଁ, ମୋର ଲକ୍ଷ୍ୟ କେବଳ ସତ୍, ଚିତ୍ ଓ ଆନନ୍ଦର ପଥପ୍ରଦର୍ଶନ କରିବା ନୁହେଁ, ବରଂ ମୁଁ ଚାହେଁ ସତ୍ୟର ଅନୁସନ୍ଧାନ କରି ଲୋକେ କିପରି ଜୀବନରେ ସତ୍ୟର ପ୍ରୟୋଗ କରିପାରିବେ । ଯାହା ସତ୍ୟ ତାହାହିଁ ସୁନ୍ଦର । ଯାହା ସୁନ୍ଦର ତାହାହିଁ ସତ୍ୟ । ସତ୍ୟର ପ୍ରୟୋଗ କଲେ ଲୋକେ ସୁଖ-ଦୁଃଖ, ଆନନ୍ଦ-ନିରାନନ୍ଦ ଭୁଲିଯାଇ କର୍ତ୍ତବ୍ୟରତ ହେବେ । ସମଭାବାପନ୍ନ ହେବେ, ସେମାନଙ୍କ ଶରୀର ରୋଗ ବିହୀନ ହେବ ।''

Source: Author, Digitized by PPRACHIN, SOA

ସାଧୁଙ୍କ କଥା କେଇପଦ ମୁନାର ହୃଦୟରେ ଚମକ ସୃଷ୍ଟିକଲା । ସାଧୁଙ୍କ ପ୍ରକୋଷ୍ଠରେ ଥିବା ବିଭିନ୍ନ ବୋତଲ ଆଡ଼କୁ ଲକ୍ଷ୍ୟକରି ମୁନା ପଚାରିଲା, "ସାଧୁ ମହାଶୟ ! ସେହି ସବୁ ବୋତଲ ଗୁଡ଼ିକରେ ଆପଣ କ'ଣ ରଖିଛନ୍ତି ?"

ସାଧୁ କହିଲେ, "ଶିବାମ୍ବୁ ।"

ମୁନା ପ୍ରଶ୍ନକଲା, "ଶିବାମ୍ବୁ, ଏହା କ'ଣ ?"

ସାଧୁ ଉତ୍ତର ଦେଲେ, "ମୂତ୍ର ।"

"ମୂତ୍ର !" ଅତି ଆଶ୍ଚର୍ଯ୍ୟ ହୋଇ କହିଲା ମୁନା ଡାକ୍ତର । ଆପଣ ଏତେ ଗୁଡ଼ିଏ ପାତ୍ରରେ ମୂତ୍ର କାହିଁକି ରଖିଛନ୍ତି ? ସେଗୁଡ଼ିକ କାହାର ମୂତ୍ର ?"

ସାଧୁ କହିଲେ, "ମୁନା ଡାକ୍ତର ! ମୁଁ ଦେଖୁଚି ତୁମେ ମୋର ଆଶ୍ରମର ପାରିପାର୍ଶ୍ୱିକ ଅବସ୍ଥା ଦେଖି ବଡ଼ କୌତୂହଳୀ ହୋଇ ଉଠିଛ । ମାତ୍ର ମୋ ସମ୍ପର୍କରେ... "

ମୁନା ଆଶ୍ଚର୍ଯ୍ୟର ସହିତ କହିଲା, "ଆପଣଙ୍କ ସମ୍ପର୍କରେ !"

ସାଧୁ କହିଲେ, "ମୁଁ ତାହାହିଁ କହୁଥିଲି । ମୁଁ ମୋ ସମ୍ପର୍କରେ ଯେତିକି ସଚେତନ ତା'ଠାରୁ ଅଧିକ କୌତୂହଳୀ ଶିବାମ୍ବୁ ନେଇ ।"

ମୁନା କହିଲା, "ଆପଣଙ୍କୁ ତା'ହେଲେ... ।"

ମୁନାର ପାଟିରୁ କଥା ନ ସରୁଣୁ ସାଧୁ କହିଲେ, "ମୋତେ ସାଧୁ ନ କହି ମୂତ୍ର ଚିକିତ୍ସକ କହିବା ବିଶେଷ ସମୀଚୀନ ହେବ ।"

ମୁନା ପଚାରିଲା, "ଆପଣଙ୍କ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ଜାଣିବାକୁ ମୋ ମନରେ ଆଗ୍ରହ ଦେଖା ଦେଇଛି ।"

ମୁନାର କଥା ଶୁଣି ସାଧୁ କହିଲେ, "ତୁମର ଆଗ୍ରହଲାଗି ତୁମକୁ ଧନ୍ୟବାଦ ଜଣାଉଛି ।"

Source: Author, Digitized by PPRACHIN, SOA

ସାଧୁ ପୁଣି ଆରମ୍ଭ କଲେ, ''ମୁନା ଡାକ୍ତର ! ଆମର ସାଧାରଣ ବିଶ୍ୱାସ ଯେ ଦେହର ରୋଗାକ୍ରାନ୍ତ ସ୍ଥାନର ଲକ୍ଷଣ ଦେଖି ଚିକିତ୍ସା କରିବା । ମାତ୍ର ଆମେ ମୂତ୍ର ଚିକିତ୍ସକମାନେ ଏ ପ୍ରକାର ଚିକିତ୍ସା ପ୍ରଣାଳୀକୁ ନାପସନ୍ଦ କରୁ । ଆମର ଧାରଣା ଏହାଦ୍ୱାରା ରୋଗର ପ୍ରକୃତ କାରଣକୁ ଏଡ଼ାଇ ଦିଆଯାଇ ନାମକୁ ମାତ୍ର ରୋଗର ଉପଶମ କରାଯାଇଥାଏ ।''

ମୁନା ଡାକ୍ତର ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ଆମର ସାଧାରଣ ଚିକିତ୍ସା ତ ରୋଗଦ୍ୱାରା ଆକ୍ରାନ୍ତ ହୋଇଥିବା ସ୍ଥାନକୁ ନେଇ ଆରମ୍ଭ କରାଯାଇଥାଏ । ଏହା କ'ଣ ସତ ନୁହେଁ ?''

ଡାକ୍ତର ମୂତ୍ର ଚିକିତ୍ସକ କହିଲେ, ''ଏପରି କରିବା ଦ୍ୱାରା ଆମେ ସମଗ୍ର ଶରୀରରେ ଦେଖାଯାଇଥିବା ରୋଗର ଲକ୍ଷଣକୁ ଦବାଇ ଦେଉ । ଆମେ ଜାଣୁ ଯେ ରୋଗ ଉପଶମ ହେଲା - କାରଣ ଏପରି ଚିକିତ୍ସା ଦ୍ୱାରା ରୋଗର ଯନ୍ତ୍ରଣା ସାମୟିକଭାବେ ନଷ୍ଟ ହୋଇଥାଏ । ରୋଗ ମଧ୍ୟ ଶରୀରରେ ସାମୟିକ ଭାବେ ନିଶ୍ଚିହ୍ନ ହେବା ପରିବର୍ତ୍ତେ ଶୁପ୍ତ ଅବସ୍ଥାରେ ରହିଥାଏ । କିଛିଦିନ ପରେ ଔଷଧର ଗୁଣ ନଷ୍ଟ ହୁଏ ଆଉ ରୋଗ ମଧ୍ୟ ସୁବିଧା ସୁଯୋଗ ଦେଖି ଶରୀରକୁ ଆକ୍ରମଣ କରିଥାଏ ।''

''ବାଃ, ମଜା କଥା ତ !'' ମୁନା ଡାକ୍ତର ମନ୍ତବ୍ୟ ଦେଲା ।

ସାଧୁ ଓରଫ ମୂତ୍ର ଚିକିତ୍ସକ କହିଲେ, ''ମଜାକଥା ନିଶ୍ଚୟ । ତାହାଠାରୁ ଆହୁରି ମଜାକଥା ହେଲା ଆମର ଚିକିତ୍ସା ପଦ୍ଧତି । ଆମ୍ଭେମାନେ ଓ ପ୍ରକୃତି ଚିକିତ୍ସକମାନେ ଦେହର ରୋଗାକ୍ରାନ୍ତ ସ୍ଥାନର ସ୍ୱତନ୍ତ୍ର ଚିକିତ୍ସା କରୁନାହୁଁ । ଦେହର ରୋଗାକ୍ରାନ୍ତ ସ୍ଥାନକୁ ସ୍ୱତନ୍ତ୍ରଭାବେ ଚିକିତ୍ସା କରିବା ଏକ ମୂଲ୍ୟହୀନ କାମ ।''

ମୁନା ଡାକ୍ତର ପଚାରିଲା, ''ଆପଣ ଏ କ'ଣ କହୁଛନ୍ତି ? ଏକ ରୋଗାକ୍ରାନ୍ତ ସ୍ଥାନକୁ ସ୍ୱତନ୍ତ୍ରଭାବେ ଚିକିତ୍ସା କରିବା କିପରି ମୂଲ୍ୟହୀନ

Source: Author, Digitized by PPRACHIN, SOA

କାମ ? ଧରନ୍ତୁ ଜଣକର ଆଖି ଖରାପ ହେଲା । ତେବେ ସେହି ଆଖିର କ'ଣ ଆମେ ଚିକିତ୍ସା କରିବା ନାହିଁ ?''

''ତାହାହିଁ ଆମ ଚିକିତ୍ସାର ଏକ ରହସ୍ୟ । ତୁମେ ତ ମୁନା ଡାକ୍ତର । ମାତ୍ର ତୁମଠାରୁ ବଡ଼ ବଡ଼ ଡାକ୍ତରମାନେ ମଧ୍ୟ ଆମ ଚିକିତ୍ସା ପ୍ରଣାଳୀ ସହ ଏକମତ ନୁହନ୍ତି । ବରଂ ସେମାନେ ଆମ ଚିକିତ୍ସା ବିରୁଦ୍ଧରେ ସମୟେ ସମୟେ ଯୁକ୍ତି ମଧ୍ୟ କରିଥାନ୍ତି ।'' ମୂତ୍ର ଚିକିତ୍ସକ କହିଲେ ।

''ତା'ହେଲେ ଆଖି ରୋଗଯୁକ୍ତ ହେଲେ...'' ମୁନା ଡାକ୍ତର ପଚାରିଲା ।

''-ଆଖି ଯଦି ରୋଗଯୁକ୍ତ ହୁଏ, ତେବେ ଆମକୁ ଏକ ସରଳ ଶିଶୁପରି ମାନି ନେବାକୁ ପଡ଼ିବ ଯେ ଦେହର କୌଣସି ବ୍ୟତିକ୍ରମ ଯୋଗୁଁ ଆଖିକୁ ରୋଗ ଆକ୍ରାନ୍ତ କରିଛି ।''

ମୁନା ଡାକ୍ତର ଉତ୍କଣ୍ଠାର ସହ ପଚାରିଲା, ''ତା'ହେଲେ ଆପଣଙ୍କ ମୂତ୍ର ଚିକିତ୍ସା ପ୍ରଣାଳୀ....''

ମୂତ୍ର ଚିକିତ୍ସକ କହିଲେ, ''ହଁ, ଏଇ ପ୍ରଣାଳୀରେ ଆଖିକୁ ଆରୋଗ୍ୟ କରାଯାଇ ପାରିବ ।''

ମୁନା ପଚାରିଲା, ''ମୂତ୍ରରେ କେଉଁ କେଉଁ ଉପାଦାନ ରହିଛି ଯାହା ଫଳରେ ରୋଗ ଆରୋଗ୍ୟ କରିବାରେ ସାହାଯ୍ୟ କରୁଛି ?''

ଡାକ୍ତର ମୂତ୍ର ଚିକିତ୍ସକ କହିଲେ, ''ଦେହ ପ୍ରସ୍ତୁତ କରୁଥିବା ଲବଣ, ହରମୋନ ଓ ଆଉ କେତେକ ଜୈବିକ ଉପାଦାନ ଆଦି ମାନବ ମୂତ୍ରରେ ରହିଛି ।''

ମୁନା ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ଡାକ୍ତର ମୂତ୍ର ଚିକିତ୍ସକ ! ଯେଉଁ ମୂତ୍ରକୁ ଶରୀର ଏକ ପ୍ରାକୃତିକ ପ୍ରଣାଳୀରେ ନିଷ୍କାସିତ କରୁଛି, ସେହି ନିଷ୍କାସିତ ମୂତ୍ର ପୁଣି ମଣିଷର ଶରୀରକୁ ଆରୋଗ୍ୟ କରିବା କାମରେ ଲାଗି ପାରିବ କିପରି ?''

Source: Author, Digitized by PPRACHIN, SOA

ମୁନାର ପିଠିରେ ଦୁଇଥର ହାତ ଥାପୁଡ଼େଇ ଦେଇ ମୂତ୍ର ଚିକିତ୍ସକ କହିଲେ, "ତୁମର ସନ୍ଦେହ ହିଁ ଆମ୍ଭମାନଙ୍କ ବିରୁଦ୍ଧରେ ଏକ ମସ୍ତବଡ଼ ଅଭିଯୋଗ । ଶରୀରରୁ ଛାଣି ହୋଇ ଆସୁଥିବା ମଇଳା ଅଂଶ ମୂତ୍ର ହିସାବରେ ନିଷ୍କାସିତ ହୁଏ । ଏହି ନିଷ୍କାସିତ ପଦ୍ଧତି ହେଉଛି ଏକ ପ୍ରାକୃତିକ ପ୍ରକ୍ରିୟା । ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଆମେ ସେହି ଅସାର ତରଳ ପଦାର୍ଥକୁ କିପରି ରୋଗଯୁକ୍ତ ସ୍ଥାନରେ ପ୍ରୟୋଗ କରିବା କିମ୍ବା ରୋଗର ଆରୋଗ୍ୟ ନିମନ୍ତେ ପାନ କରି ପାରିବା ?"

"ମୁଁ ଠିକ୍ ସେହି ପ୍ରଶ୍ନ ଆପଣଙ୍କୁ ପଚାରିଥାନ୍ତି", କହିଲା ମୁନା ଡାକ୍ତର ।

ହଠାତ୍ ମୂତ୍ର ଚିକିତ୍ସକ ନିଜ କଥାର ମୋଡ଼ ବଦଳାଇ ଆରମ୍ଭ କଲେ, "ମୁନା ଡାକ୍ତର ! ତୁମେ କହିପାରିବ ବଗିଚାରେ ଗଛରୁ ଝଡ଼ି ତଳେ ପଡ଼ିଥିବା ପତ୍ରକୁ ମାଳି କ'ଣ କରେ ?"

"ମାଳି ସେହି ଝଡ଼ା ପତ୍ରଗୁଡ଼ିକ ନଷ୍ଟ ନ କରି ବରଂ ସାଇତି ରଖିଥାଏ", ମୁନା କହିଲା ।

"କାହିଁକି ?", ପଚାରିଲେ ମୂତ୍ର ଚିକିତ୍ସକ ।

ମୁନା କହିଲା, "ସେହି ଝରା ପତ୍ରଗୁଡ଼ିକୁ ମାଳି ଖାତଟିଏ କରି ସାଇତି ରଖେ । ଖାତଟି ପତ୍ରରେ ଭରିଉଠେ । ପତ୍ରଗୁଡ଼ିକ କିଛିଦିନ ପରେ ଖତରେ ପରିଣତ ହୁଅନ୍ତି । ସେହି ଖତକୁ ପୁଣି ମାଳି ଗଛ ମୂଳରେ ଦିଏ ।"

"ତା'ପରେ କ'ଣ ହୁଏ ?" ଉତ୍କଣ୍ଠାର ସହ ପଚାରିଲେ ଡାକ୍ତର ମୂତ୍ର ଚିକିତ୍ସକ ।

ମୁନା ଡାକ୍ତର ଟିକିଏ ଭାବିବାକୁ ଲାଗିଲା । କିଛି କ୍ଷଣ ପରେ କହିଲା, "ପତ୍ରଦ୍ୱାରା ପ୍ରସ୍ତୁତ ନୂତନ ଖାଦ୍ୟପାଇ ଗଛରେ ସରସ ସୁନ୍ଦର କିଶଳୟ ପୁଣିଥରେ ଜାଗି ଉଠେ । ଗଛର ଗର୍ବ ଓ ଗୌରବର ସନ୍ତକ

Source: Author, Digitized by PPRACHIN, SOA

ସ୍ୱରୂପ ଗଛରେ ଫଳ ଧରେ -ପୁଷ୍ଟ ବି । ନୂତନ ବଳ ଓ ଉଦ୍ଦୀପନାର ସୃଜନୀ ଶକ୍ତି ପୁଣି ଚଳ ଚଞ୍ଚଳ ହୋଇଉଠେ ।''

ଡାକ୍ତର ମୃତ୍ର ଚିକିତ୍ସକ କହିଲେ, ''ମୁନା ଡାକ୍ତର ! ସବୁ ସମୟରେ ଗଛ ଲୋଡୁଥିବା ସମସ୍ତ ଉପାଦାନ ମଧ୍ୟ ମୃତ୍ତିକାରେ ନ ଥାଏ । ଯେଉଁ ସବୁ ଉପାଦାନ ମୃତ୍ତିକାରେ ନ ଥାଏ, ସେହି ଉପାଦାନ ଯଦି ଝରା ପତ୍ରରେ ଥାଏ, ତେବେ ପତ୍ରରୁ ପ୍ରସ୍ତୁତ ହୋଇପାରୁଥିବା ସାରରୁ ଗଛ ସେଇସବୁ ଉପାଦାନ ପାଇପାରିବ ଓ ଆନନ୍ଦରେ ରହି ପାରିବ ।''

ମୁନା କହିଲା, ''ଆପଣ କେତେକ ବିଜ୍ଞାନଗତ ଯୁକ୍ତି ବାଢ଼ିଲେ । ମାତ୍ର ମୋ ମତରେ ପ୍ରକୃତିର ତ କ୍ଷୟ ଅଛି ।''

ମୁନାର କଥା ଶୁଣି ଡାକ୍ତର ମୃତ୍ର ଚିକିତ୍ସକ ଟିକିଏ ହସିଲେ । ପୁଣି ଆରମ୍ଭ କଲେ, ''ଦେଖ ମୁନା ଡାକ୍ତର ! ପ୍ରକୃତିର କ୍ଷୟ ଆମ ଆଖିକୁ

Source: Author, Digitized by PPRACHIN, SOA

ସାଧାରଣତଃ ଦେଖାଯାଏ । ମାତ୍ର ଆମେ ପ୍ରକୃତିର ଅନ୍ୟରୂପ ଦେଖି ପାରୁନା । ତେଣୁ ଆମ୍ଭମାନଙ୍କ ମନରେ ଅନେକ ସମୟରେ ଭ୍ରମ ଧାରଣା ଦେଖାଯାଏ ଯେ ପ୍ରକୃତିର କ୍ଷୟ ଅଛି । ଆମେ ତ ଆଗରୁ ମୃତ ପତ୍ର ସମ୍ପର୍କରେ ଆଲୋଚନା କଲେ । ସେହି ଆଲୋଚନାରୁ ଆମେ ଜାଣି ପାରିଲେ ଯେ, ଗଛପ୍ରତି ମୃତ ପତ୍ରର ମୂଲ୍ୟ ମଧ୍ୟ କିଛି କମ୍ ନୁହେଁ । ପତ୍ରଗୁଡ଼ିକୁ ପୋଡ଼ିଦେଲେ ତା'ର ପାଉଁଶରେ ଯେତିକି ମୂଲ୍ୟ ଅଛି, ମୃତ ଗଛର ଶରୀରରେ ମଧ୍ୟ ସେତିକି ଅସରନ୍ତି ଶକ୍ତି ଅଛି । ଏସବୁ ତ ପୁଣି ପ୍ରାକୃତିକ ।''

''ମୁଁ ଆପଣଙ୍କ କଥା ଆଦୌ ବୁଝି ପାରୁନି'', ମୁନା ଡାକ୍ତର କହିଲା ।

ମୁନାକୁ ଏକ ସରଳ ଉଦାହରଣ ମାଧ୍ୟମରେ ବୁଝାଇବାକୁ ଯାଇ ମୂତ୍ର ଚିକିତ୍ସକ କହିଲେ, ''ମୁନା ! ତୁମେ ଗୋରୁମାନେ ନିଜର ମୂତ ପିଉଥିବାର ଦୃଶ୍ୟ କେବେ ଦେଖିଛ ?''

ମୁନା ଡାକ୍ତର କହିଲା, ''ଆମର ବଳଦ ଦିନେ ମୂତ୍ର ପିଉଥିଲା । ମୂଲିଆ ଜଣକ ବଳଦ ପିଠିରେ ଦୁଇ ଚାରି ପାହାର କଷିଦେଇ କହୁଥାଏ... 'ମୂତ ପିଆ ବନ୍ଦକର, ନଚେତ୍ ତୋ' ଦେହରେ ରୋଗ ହୋଇଯିବ' ।''

ଏକଥା ଶୁଣି ଦୁଃଖ ପ୍ରକାଶ କରି ମୂତ୍ର ଚିକିତ୍ସକ କହିଲେ, ''ବିଚରା ବଳଦ ମାଡ଼ ଖାଇଲା । ଏଣେ ତା'ର ରୋଗ ମଧ୍ୟ ବଢ଼ି ଚାଲିଲା ।''

''କିପରି ?'' ମୁନା ଡାକ୍ତର ପଚାରିଲା ।

ମୂତ୍ର ଚିକିତ୍ସକ କହିଲେ, ''ପଶୁମାନଙ୍କର ଡାକ୍ତର ଥିଲେ ମଧ୍ୟ ସବୁ ପଶୁ ଚିକିତ୍ସାର ସୁବିଧା ପାଇ ପାରନ୍ତି ନାହିଁ । ସେମାନେ ପୁଣି କିପରି ରୋଗବୈରାଗ୍ୟରୁ ଭଲ ହେଉଛନ୍ତି । ସେମାନଙ୍କୁ ରୋଗ ହେଲେ ସେମାନେ ମଧ୍ୟ ଅନେକ ସମୟରେ ମୂତ ପିଅନ୍ତି । ଏହି ମୂତ ହିଁ

Source: Author, Digitized by PPRACHIN, SOA

ସେମାନଙ୍କୁ ଆରୋଗ୍ୟ କରିଥାଏ । ରୋଗ ଆରୋଗ୍ୟ ପାଇଁ ସେମାନଙ୍କର ଏହି ମୂତ ପିଇବା ଏକ ପ୍ରାକୃତିକ ଓ ସ୍ୱଭାବଯୁକ୍ତ କାର୍ଯ୍ୟ ।''

''ଆପଣ ଏ ସବୁ କଥା କହିବାର ଉଦ୍ଦେଶ୍ୟ କ'ଣ ?'' ମୁନା ଡାକ୍ତର ପଚାରିଲା ।

ମୂତ୍ର ଚିକିତ୍ସକ କହିଲେ, ''ଯେଉଁ ନୀତି ନିୟମ ଗଛ ଓ ଜୀବଜନ୍ତୁମାନଙ୍କ ପାଇଁ ଲାଗୁ ହେଉଛି, ସେହି ନୀତି ନିୟମ କାହିଁକି ମାନବ ଶରୀର ପ୍ରତି ଲାଗୁହେବ ନାହିଁ ?''

ମୁନା କହିଲା, ''ଆପଣଙ୍କ ଯୁକ୍ତି ଶୁଣି ମୁଁ ବିଶେଷ ଖୁସି । ଆପଣ ଯାହାସବୁ କହିଲେ ସେଥିରେ ମୁଁ ମଧ୍ୟ ଏକମତ । ମାତ୍ର ଆପଣ ଶିବାମ୍ବୁର ଉପକାରିତା ସମ୍ପର୍କରେ ତ କିଛି ନିର୍ଦ୍ଦିଷ୍ଟଭାବେ କହିଲେ ନାହିଁ ?''

ତା'ପରେ ଡାକ୍ତର ମୂତ୍ର ଚିକିତ୍ସକ ମୁନା ଡାକ୍ତର ହାତକୁ କାଗଜଟିଏ ବଢ଼ାଇ ଦେଲେ । ସେଥିରେ ମାନବ ମୂତ୍ରର ଉପକାରିତା ସମ୍ପର୍କରେ କେତେକ କଥା ଲେଖାଥିଲା । ସେଗୁଡ଼ିକ ହେଲା -

ପ୍ରତି କ୍ଷେତ୍ରରେ ୯ ଦିନ ପାଇଁ ଶିବାମ୍ବୁ ପାନ କରିବାକୁ ପଡ଼ିବ ।

(କ) ସକାଳେ ପାନକଲେ ସ୍ଫୂର୍ତ୍ତି ଭଲ ହୁଏ ।

(ଖ) ଅଳ୍ପ ଉଷୁମକରି କାନ ଧୋଇଲେ କାନର ଉଚ୍ଚ ଶ୍ରବଣଶକ୍ତି ଓ ଅନ୍ୟାନ୍ୟ ରୋଗ ଭଲ ହୁଏ ।

(ଗ) ଆଖିକୁ ନିଜ ଶିବାମ୍ବୁରେ ଧୋଇଲେ ଆଖିରୋଗ ଆରୋଗ୍ୟ ଲାଭ କରେ । ଆଖିର ଦୃଶ୍ୟଶକ୍ତି ଓ ଉଜ୍ଜ୍ୱଳତା ମଧ୍ୟ ବଢ଼େ ।

(ଘ) ସଦ୍ୟ ଘାଆକୁ ଶିବାମ୍ବୁରେ ଧୋଇଲେ ଯଥେଷ୍ଟ ଉପକାର ମିଳେ ।

(ଙ) ଘମିରକୁ ଧୋଇଲେ ଘମିର ଉଭେଇ ଯାଏ ।

(ଚ) ଅର୍ଶ ସ୍ଥାନକୁ ଧୋଇଲେ ଅର୍ଶରୋଗ ଭଲ ହୁଏ ।

Source: Author, Digitized by PPRACHIN, SOA

କାଗଜଟିକୁ ପଢ଼ିସାରି ମୁନା ଡାକ୍ତର ପଚାରିଲା, ‘‘କେବଳ କ’ଣ ଏହି ସବୁ ରୋଗ ଭଲ ହୁଏ ?’’

ଡାକ୍ତର ମୂତ୍ର ଚିକିତ୍ସକ କହିଲେ, ‘‘ଆମର ଚିକିତ୍ସା ପ୍ରଣାଳୀରେ ଅନେକ ଦୁଃସାଧ ରୋଗ ଭଲ ହେବାର ଦୃଷ୍ଟାନ୍ତ ମଧ ମିଳିଛି ।’’

‘‘ଯକ୍ଷ୍ମା !’’ ମୁନା ଡାକ୍ତର ପଚାରିଲା ।

ଡାକ୍ତର ମୂତ୍ର ଚିକିତ୍ସକ କହିଲେ, ‘‘ବର୍ତ୍ତମାନ ମୁଁ ତୁମକୁ ଗୋଟିଏ ଯକ୍ଷ୍ମାରୋଗୀର ରୋଗର ଇତିହାସ ଶୁଣାଇବି । ତୁମେ ମନ ଦେଇ ଶୁଣ ।’’

ଡାକ୍ତର ମୂତ୍ର ଚିକିତ୍ସକଙ୍କ କଥା ଶୁଣିବା ପାଇଁ ଆଗ୍ରହର ସହିତ ଚାହିଁରହିଲା ମୁନା ଡାକ୍ତର ।

ଡାକ୍ତର ମୂତ୍ର ଚିକିତ୍ସକ ଆରମ୍ଭ କଲେ, ‘‘ରୋଗୀ ଜଣକ ବୟସ୍କ ଓ ଗରିବ । ପ୍ରଥମେ ପ୍ରଥମେ କାଶ ହେଲା । କାଶ ସହିତ କିଛିଦିନ ପରେ ରକ୍ତ ମଧ ପଡ଼ିଲା । ଘରର ସମସ୍ତେ ଜାଣିଲେ ଯେ ସେ ଯକ୍ଷ୍ମା ରୋଗଦ୍ୱାରା ଆକ୍ରାନ୍ତ । ସେମାନଙ୍କ ପାଖରେ ପଇସା ନ ଥିଲା ତା’ର ଚିକିତ୍ସା କରିବା ପାଇଁ । ସେ ମଧ ନିଜପ୍ରତି ଅନ୍ୟମାନଙ୍କର ଅବହେଳାର ମନୋଭାବ ସହି ନ ପାରି ଘରଛାଡ଼ି ପଳାଇଗଲା । କୌଣସି ଏକ ଜନଶୂନ୍ୟ ସ୍ଥାନରେ କୁଡ଼ିଆଟିଏ କରି ରହିଲା । ଆସ୍ତେ ଆସ୍ତେ ତା’ର ଚଳପ୍ରଚଳ ଶକ୍ତି ଦୁଃସାଧ ରୋଗ ଯୋଗୁଁ କମି ଆସିଲା । ଖାଇବାକୁ ଦାନା ଗଣ୍ଡିଏ ସଂଗ୍ରହ କରିବା ତା’ପକ୍ଷରେ କଷ୍ଟସାଧ ହେଲା । ନିକଟସ୍ଥ କୁଅରୁ ପାଣି ଆଣିବାର ସାମର୍ଥ୍ୟ ତା’ର ରହିଲାନି । ଶେଷରେ ନିଜର ମୂତକୁ ନିଜେ ପିଇଲା । ମାତ୍ର ଏ କ’ଣ ? ତା’ର ରୋଗ ଆସ୍ତେ ଆସ୍ତେ କମି ଆସୁଛି । ସେ ଯେ ଚାଲିବୁଲି ପାରୁଛି... ।’’

‘‘ସେ ଭଲ ହୋଇଗଲା ତ !’’ ମୁନା ଡାକ୍ତର ପଚାରିଲା ।

ମୂତ୍ର ଚିକିତ୍ସକ କହିଲେ, ‘‘ହଁ, ସେ ଭଲ ହୋଇଗଲା ଓ ତା’ର ନିଜ ଗାଁକୁ ଫେରିଆସିଲା । ଯେଉଁମାନେ ତାକୁ ଘରୁ ତଡ଼ି ଦେଇଥିଲେ

Source: Author, Digitized by PPRACHIN, SOA

ସେମାନେ ତାକୁ ପୁଣି ଘର ଭିତରକୁ ପାଛୋଟି ନେଲେ । କାରଣ ସେମାନେ ଜାଣିଥିଲେ ଯେ ଲୋକଟି ପୁନର୍ଜୀବନ ପାଇବା ସାଥେ ସାଥେ ରୋଜଗାର କ୍ଷମ ମଧ୍ୟ ହୋଇଛି ।''

''ବଡ଼ ମଜା କଥା ତ !'' ମୁନା ଡାକ୍ତର କହିଲା । ପୁଣି ପଚାରିଲା, ''ରୋଗୀଟି ସମ୍ପର୍କରେ କିପରି ଏତେ କଥା ଜାଣିଲେ ?''

ଡାକ୍ତର ମୂତ୍ର ଚିକିତ୍ସକ କହିଲେ, ''ରୋଗୀଟି ଫେରି ଆସିବା ପରେ ଗାଁରେ ଲୋକମାନେ ତା' ବିଷୟରେ ଗପାଗପି କଲେ । ସେହି ସମୟରେ ମୁଁ ଶିବାମ୍ବୁ ବିଷୟରେ ମୋର ଗବେଷଣା କାର୍ଯ୍ୟ ଆରମ୍ଭ କରିଥାଏ । ମୋତେ ବଡ଼ କୌତୁହଳ ଲାଗିଲା । ମୁଁ ରୋଗୀଟି ପାଖକୁ ଗଲି ଓ ତାକୁ କେତୋଟି ପ୍ରଶ୍ନ ପଚାରିଲି । ସେ ମୋ ଆଗରେ ମାନିଲା ଯେ, ସେ ପାଣି ନ ପାଇ ନିଜର ମୂତ୍ର ପିଉଥିଲା । ତେଣୁ ମୁଁ ନିଶ୍ଚିତ ହେଲି ଯେ ସେହି ମୂତ୍ର ହିଁ ଲୋକଟିକୁ ଯକ୍ଷ୍ମାରୋଗରୁ ଆରୋଗ୍ୟ କରିଛି ।''

ସାଧୁ ଓରଫ ମୂତ୍ର ଚିକିତ୍ସକ କହିଲେ, ''ମୁନା ଡାକ୍ତର ! ସନ୍ଧ୍ୟା ହେଲାଣି । ପକ୍ଷୀମାନେ ନୀଡ଼କୁ ବାହୁଡ଼ି ଗଲେଣି । ଆକାଶରେ ଅଗଣିତ ତାରକା ଆଖି ମିଟିମିଟି କଲେଣି । ତୁମେ ଏତେଦୂରରୁ ଆସି କ୍ଳାନ୍ତ ହୋଇ ପଡ଼ିଥିବ । ଆଜି ତୁମର ଆମ ଆଶ୍ରମରେ ରହିବାର ବ୍ୟବସ୍ଥା ମୁଁ କରିଛି । ଆପତ୍ତି ନ ଥିଲେ ଆଜି ରାତିଟା ତୁମେ ମୋ ଆଶ୍ରମରେ ବିତାଇପାର ।''

''ଆପଣଙ୍କ ଆତିଥ୍ୟ ଲାଗି ଧନ୍ୟବାଦ'' ମୁନା ଡାକ୍ତର କହିଲା ।

ଏହି ସମୟରେ ଆଶ୍ରମର ସନ୍ଧ୍ୟାକାଳୀନ ପ୍ରାର୍ଥନାସଭାର ସବୁ ଆୟୋଜନ ସରିଥିଲା ।

ମୁନା ସେଥିରେ ଯୋଗଦେଲା ।

Source: Author, Digitized by PPRACHIN, SOA

।। ଚାରି ।।

ସ୍ୱାମୀ ଯୋଗାନନ୍ଦଙ୍କ ଆଶ୍ରମ । ସେଦିନ ସ୍ୱାମୀଜୀ ଆଶ୍ରମରେ ଯୋଗଶିକ୍ଷା କରିବାକୁ ଆସିଥିବା ଜଣେ ଯୁବକର ସ୍ୱାସ୍ଥ୍ୟ ପରୀକ୍ଷା କରୁ କରୁ କହି ଚାଲିଲେ, ''ଅକାଳ ବାର୍ଦ୍ଧକ୍ୟ । ଚାରିଆଡ଼େ ଅକାଳ ବାର୍ଦ୍ଧକ୍ୟ ।



Source: Author, Digitized by PPRACHIN, SOA

ହଁ... ଆସ ଆସ । ଆଉ ଟିକେ ମୋ ପାଖକୁ ଲାଗି ଆସ । ଦେଖି ଦେଖ । କ'ଣ ମୁଣ୍ଡବାଳ ପାଚିଯାଉଛି... ଯୁବକ-ଅଥଚ ପକ୍ୱକେଶ ବିନ୍ୟାସ । ଚିନ୍ତା କ'ଣ ? ମୁଣ୍ଡର ସବୁଯାକ କେଶ ପାଚିଯାଉ । ତଥାପି ଚିନ୍ତା କରିବାର କିଛି ନାହିଁ । କ'ଣ ଲାଜ ଲାଗୁଛି ? ଆରେ ଲାଜ ଛାଡ଼ । ଚିନ୍ତା କରି ଥରେ ଦେଖ - କାହିଁକି ତୁମର କେଶ ଗୁଡ଼ିକ ପାଚିଯାଉଛି ? କ'ଣ ଆଜି ପର୍ଯ୍ୟନ୍ତ ମୁଣ୍ଡ ବାଳଗୁଡ଼ିକ ପାଚି ଯିବାର କାରଣ କିଛି ଲକ୍ଷ୍ୟ କରିଛ ?''

ଯୁବକ ଜଣକ ନମ୍ର ଭାବରେ କହିଲେ, ''ଆଜ୍ଞା ! ଅମ୍ଳଦୋଷରୁ ମୋର ଏ ଦଶା !''

ଯୁବକର କଥା ଶୁଣି ଉଚ୍ଚ ସ୍ୱରରେ ହସିଲେ ଯୋଗୀ ଯୋଗାନନ୍ଦ । ପୁଣି ଆରମ୍ଭ କଲେ, ''ସାବାସ୍ ଯୁବକ, ସାବାସ୍ । ମୁଁ ଜାଣେ ତୁମେ ନିଜ ଉପରୁ ଦୋଷ ଛଡ଼ାଇବା ପାଇଁ କିଛି ଗୋଟାଏ କାରଣ ନିଶ୍ଚୟ ଉଲ୍ଲେଖ କରିବ । ଯାଅ, ଶୀଘ୍ର ଅମ୍ଳଦୋଷ ନିରାକରଣ କରିବା ପାଇଁ କିଛି ଔଷଧ କିଣିଆଣ, ଖାଅ । ଦେଖିବ ତୁମର ଅମ୍ଳଦୋଷ ଦୂର ହୋଇଛି । ତା'ସହିତ ତୁମର ପାଚିଲା କେଶ ମଧ କଳା ହୋଇଯାଉଛି ।''

ସ୍ୱାମୀଜୀଙ୍କ କଥାଶୁଣି ଏକ ଦୀର୍ଘଶ୍ୱାସ ପକାଇ ଯୁବକ ଜଣକ ପୁଣି ଆରମ୍ଭ କଲେ, ''ଚେଷ୍ଟା କରିଛି ଆଜ୍ଞା, ସବୁ ଚେଷ୍ଟା ମୋର ସରିଯାଇଛି । ସବୁଥିରେ ବିଫଳ ହୋଇ ଆଜି ଆପଣଙ୍କ ଆଶ୍ରୟ ଖୋଜୁଛି.... ।''

''ବେଶ୍ ଭଲ କଥା'' ଯୋଗୀ ଯୋଗାନନ୍ଦ କହିଲେ । ପୁଣି ଆରମ୍ଭ କଲେ, ''ଅତି ଉତ୍ତମ କଥା । ମୁଁ ଜାଣେ ତୁମେ ଅସହାୟ ଭାବ ପ୍ରକାଶ କରିବ, କାରଣ ଚାରିଆଡ଼େ ଅସହାୟତା ଓ ତୁମେ ସେହି ଅସହାୟତାର ଏକ ଚିହ୍ନ ମାତ୍ର । ତେଣୁ ତୁମେ ଚାରିଆଡୁ ଅସହାୟ ହୋଇ ଆଜି ଯୋଗୀ ଯୋଗାନନ୍ଦଙ୍କ କରତଳରେ ଆଶ୍ରୟ ନେବାକୁ ଆସିଛ ।''

Source: Author, Digitized by PPRACHIN, SOA

ମଥା ଅବନତ କରି ସମ୍ମତି ଜଣାଇଲେ ଯୁବକ ଜଣକ ।

ପୁଣି ସ୍ୱାମୀ ଯୋଗାନନ୍ଦ ଆରମ୍ଭ କଲେ, "ଯେତେବେଳେ ବିଜ୍ଞାନର ସାହାଯ୍ୟ ମଣିଷ ନେଇପାରେ ନାହିଁ, ସେତେବେଳେ ମଣିଷ କୁଟା କାଠି ଖଣ୍ଡକୁ ଆଶ୍ରୟ କରି ପ୍ରକୃତିର ସାହାଯ୍ୟ ଲୋଡ଼ିଥାଏ । ଯେତେବେଳେ ଶହ ଶହ ଟଙ୍କା ଖର୍ଚ୍ଚ ହୋଇ ରୋଗ ଭଲ ହୁଏନା, ସେତେବେଳେ ଚେରମୂଳି ଠାରୁ ଆରମ୍ଭକରି ମଫସଲର ଗଳିକନ୍ଦିରେ ଉଠୁଥିବା ଡୁଟୁକା ଔଷଧ ଗଛର ସାହାଯ୍ୟ ଭିକ୍ଷା କରାଯାଏ । ଯୁବକ ! ତାହାହିଁ ହୋଇଛି ତୁମ କ୍ଷେତ୍ରରେ । କ'ଣ କିଛି ବୁଝିପାରୁଛ ?"

ଯୁବକ ଜଣକ କହିଲେ, "ଆପଣଙ୍କ କଥାର କୌଣସି ରହସ୍ୟ ବୁଝିପାରୁ ନାହିଁ ।"

ଯୋଗାନନ୍ଦ କହିଲେ, "ବେଶ୍-ବେଶ୍-ବେଶ୍ । ଜାଣିବାଠାରୁ ନ ଜାଣିବା ଆହୁରି ଭଲ । ଯଦି ନ ଜାଣିଛ ତେବେ ଜାଣ... ।"

ପୁଣି କହିଲେ ଯୋଗୀ ଯୋଗାନନ୍ଦ, "ଆଗକାଳରେ ମୁନି ଋଷି ମାନେ କାହା ବଳରେ ଦେହର ଜୈବିକ ଶକ୍ତିକୁ ଅକ୍ଷୁଣ୍ଣ ରଖୁଥିଲେ ? ବର୍ଷେ ନୁହେଁ, ଦଶବର୍ଷ ନୁହେଁ, ଶହେ ବର୍ଷ ନୁହେଁ ଏପରିକି ଶହେ ପଚାଶ ବର୍ଷରୁ ଅଧିକ ସମୟ ଲୋକେ ବେଶ ସୁସ୍ଥ ସବଳ ରହୁଥିଲେ । କାହିଁ ତୁମପରି ସେମାନଙ୍କ କେଶ ବିନ୍ୟାସ ତ ପକ୍ୱ ହେଉ ନ ଥିଲା ? କାହା ବଳରେ ? ଜାଣିବାକୁ ଥରେ ଚେଷ୍ଟା କରିଛ ?"

ଯୁବକ ଜଣକ ଉତ୍କଣ୍ଠାର ସହିତ ପଚାରିଲେ, "କାହା ବଳରେ ଆଜ୍ଞା ?"

"ଏହି ଯୋଗବଳରେ !" ଯୋଗୀ ଯୋଗାନନ୍ଦ ଉତ୍ତର ଦେଲେ ।

ଏହି ସମୟରେ ଜଣେ ବାଳକ ଆସି ସେଠାରେ ପହଞ୍ଚିଲେ । ଯୋଗୀ ଯୋଗାନନ୍ଦଙ୍କର ନଜର ପଡ଼ିଲା ତାଙ୍କ ଉପରେ । ସେ ପୂର୍ବପରି ନିଜର ସ୍ୱଭାବ ସୁଲଭ ଭାଷାରେ କହିଲେ, "ଆସ ବାଳକ । ହଁ, ମୋ

Source: Author, Digitized by PPRACHIN, SOA

ପାଖକୁ ଟିକିଏ ଲାଗିଆସ । କ'ଣ ହୋଇଛି ତୁମର । କ'ଣ କଲିକ୍ । ଆରେ ବାଃ- ଏତେ ପିଲାବୟସରୁ ତୁମେ ଭୋଗୁଛ ପେଟର ଯନ୍ତ୍ରଣା !''

ବାଳକ ଜଣକ ମନରେ ଯୋଗୀ ଯୋଗାନନ୍ଦଙ୍କ ପରିହାସ କଷ୍ଟଦେଲା । ସେ ନିଜକୁ ଅପମାନିତ ମନେକରି କହିଲା, ''ପେଟ ଯନ୍ତ୍ରଣା କିପରି ହେବ ନାହିଁ ଆଜ୍ଞା ! ଭେଜାଲ ତେଲ - ଭେଜାଲ ଘିଅ । ପିଲାଙ୍କ ଲଜେନ୍ସରେ ପୁଣି ଭେଜାଲ । ତା' ସାଙ୍ଗକୁ ପୁଣି ଭେଜାଲ ଶିକ୍ଷା - ଦୀକ୍ଷା । ଆମେ ବା କ'ଣ କରିବୁ ? ସ୍କୁଲକୁ ଗଲୁ । ଭୋକର ଦାଉ ସହି ନ ପାରି ବଜାରରୁ ଏଣୁ ତେଣୁ କିଣି ଖାଇଲୁ... ।''

ବାଳକର କଥା ଶୁଣି ଯୋଗୀ ଯୋଗାନନ୍ଦ କହିଲେ, ''ବେଶ୍ ! ବେଶ୍ !! ବେଶ୍ !!! ଢ଼େର ହୋଇଗଲା ବାପା, ଢ଼େର ହୋଇଗଲା । ତୁମେ ଚିକିତ୍ସାର ଆଉ ଗୋଟିଏ ଅଧ୍ୟାୟ ସାରି ଏଠାକୁ ଆସିଥିଲେ ଭଲ ହୋଇଥାନ୍ତା ।''

''ସେ ଅଧ୍ୟାୟ କ'ଣ ଆଜ୍ଞା ?'' ଆଗ୍ରହର ସହିତ ବାଳକଟି ପଚାରିଲା ।

ଯୋଗୀ ଯୋଗାନନ୍ଦ ହସି ହସି କହିଲେ, ''ସେ ଅଧ୍ୟାୟ ହେଲା ଚକ୍‌ଚକ୍‌ଖଡି ଗୁଣ୍ଡ ଥିବା ଆବରଣଯୁକ୍ତ ଭେଜାଲ ବଟିକା । ସେହି ବଟିକାରୁ କାହିଁ କିଛି ନ ଖାଇ ଏଠାକୁ ଆସିଲ ? ସେହି ସେତକ ଅଧ୍ୟାୟ ସାରିଦେଇ ମୋ ପାଖକୁ ଆସିଥାନ୍ତ !''

ତା'ପରେ...

''ତା'ପରେ କ'ଣ ଆଜ୍ଞା ?'' ବାଳକ ଜଣକ ପଚାରିଲା ।

ଯୋଗୀ ଯୋଗାନନ୍ଦ କହିଲେ, ''ତା'ପରେ... ତା'ପରେ ମୁଁ ତୁମ ସହିତ ଯୋଗର ଏକ କସରତ କରିଥାନ୍ତି । ତୁମେ ଆମଭଳି ପ୍ରାଚୀନପନ୍ଥୀଙ୍କ ଠାରୁ ଯୋଗଶିକ୍ଷା କରି ରୋଗମୁକ୍ତ ହୋଇଥାନ୍ତ ।''

ଏହି ସମୟରେ ବାହାରୁ ଶୁଣାଗଲା: ଡାକ୍ତର ଯୋଗାନନ୍ଦ ଅଛନ୍ତି କି ?''

Source: Author, Digitized by PPRACHIN, SOA

ଯୋଗାନନ୍ଦ କହିଲେ, ''ହଁ, ମୁଁ ଯୋଗୀ ଯୋଗାନନ୍ଦ କହୁଛି ।''

''- ମୁଁ ଭିତରକୁ ଯାଇପାରେ କି ?''

''- ମୋର ପରମ ସୌଭାଗ୍ୟ ପାଇଁ ଆପଣ ଭିତରକୁ ଆସି ପାରନ୍ତି ।''

''-ବାଃ ! କେଡ଼େ ବାକ୍‌ଚାତୁର୍ଯ୍ୟପୂର୍ଣ୍ଣ କଥା ଏହି ଯୋଗୀ ଯୋଗାନନ୍ଦଙ୍କର ।'' ଘର ଭିତରକୁ ପ୍ରବେଶ କରୁ କରୁ ଭାବୁଥିଲା ମୁନା ଡାକ୍ତର ।

ମୁନାକୁ ଦେଖି ଯୋଗୀ ଯୋଗାନନ୍ଦ ପଚାରିଲେ, ''କଥା କ'ଣ ? ତୁମକୁ ବି ଅକାଳ ବାର୍ଦ୍ଧକ୍ୟ.... ?''

ମୁନା କହିଲା, ''ନା' ଆଜ୍ଞା ! ମୁଁ କୌଣସି ରୋଗୀ ନୁହେଁ । ମୋର ପରିଚୟ ହେଲା ମୁନା ଡାକ୍ତର ।''

''ଓଃ, ତୁମେ ତା'ହେଲେ ଜଣେ ମୁନା ଡାକ୍ତର ।'' ଏହାକହି ଆଗରେ ପଡ଼ିଥିବା ଏକ ଚେୟାରରେ ବସିବା ନିମନ୍ତେ ଅନୁରୋଧ କଲେ ।

ମୁନା ଡାକ୍ତର ବିନା ଦ୍ୱିଧାରେ ଚେୟାରଟି ଉପରେ ବସିପଡ଼ିଲା । କୋଠରୀ ଭିତରେ ଥିବା ଅନ୍ୟମାନଙ୍କ ଉପରେ ଥରେ ଦୁଇଥର ନଜର ବୁଲାଇ ଆଣିଲା । ଟିକେ ଦେଖିନେଲା ଯୋଗୀ ଯୋଗାନନ୍ଦଙ୍କୁ ।

ଯୋଗୀ ଯୋଗାନନ୍ଦ ମୁନା ଡାକ୍ତର ପ୍ରତି ଲକ୍ଷ୍ୟକରି କହିଲେ, ''ସେମାନେ ସବୁ ହେଲେ ଅକାଳ ବାର୍ଦ୍ଧକ୍ୟର ଶିକାରୀ... ଡାକ୍ତର ।''

ଯୋଗୀ ଯୋଗାନନ୍ଦଙ୍କର ଡାକ୍ତର ସମ୍ବୋଧନ ମୁନା ମନରେ ଅଫୁରନ୍ତ ଆନନ୍ଦ ଆଣିଦେଲା । କାରଣ ଆଗରୁ ତାକୁ କେହି ଡାକ୍ତର ସମ୍ବୋଧନ ନ କରି ମୁନା ଡାକ୍ତର କହୁଥିଲେ । ତେଣୁ ଏଥରକ ସେ ନିଜକୁ ଜଣେ ପୋଖତ ଡାକ୍ତର ମନେକରି ଯୋଗୀ ଯୋଗାନନ୍ଦଙ୍କ ପ୍ରତି ଲକ୍ଷ୍ୟକରି କହିଲା, ''ଠିକ୍ କଥା କହୁଛନ୍ତି ଡାକ୍ତର । ଚାରିଆଡ଼େ

Source: Author, Digitized by PPRACHIN, SOA

ଅକାଳ ବାର୍ଦ୍ଧକ୍ୟର ସ୍ରୋତ ବହି ଚାଲିଛି । କିନ୍ତୁ ଏଥିରୁ କ'ଣ ଆମର ନିଷ୍କୃତି ନାହିଁ ?''

ଏକ ଦୀର୍ଘ ନିଃଶ୍ୱାସ ପକାଇ ଯୋଗୀ ଯୋଗାନନ୍ଦ କହିଲେ, ''କିଏ ଡାକ୍ତର ? ଯୋଗୀ ଯୋଗାନନ୍ଦ ଡାକ୍ତର ! ଯୋଗୀ ଯୋଗାନନ୍ଦ ଡାକ୍ତର ନୁହେଁ ମୁନା, ସେ ହେଉଛି ଜଣେ ଯୋଗୀ । ସେଇଥିପାଇଁ ତୁମେ ଯେତେବେଳେ ପଚାରିଥିଲ 'ଡାକ୍ତର ଯୋଗାନନ୍ଦ ଅଛନ୍ତି କି ?' ସେତେବେଳେ ମୁଁ ଉତ୍ତର ଦେଇଥିଲି, 'ହଁ, ଯୋଗୀ ଯୋଗାନନ୍ଦ ଅଛନ୍ତି' । ମୋର ସ୍ନେହାସ୍ପଦ ଡାକ୍ତର ! ସେହି ମୁହୂର୍ତ୍ତରୁ ତୁମେ ତୁମର ଭୁଲ ସଂଶୋଧନ କରିନେବା ଦରକାର ଥିଲା ।''

ଯୋଗୀ ଯୋଗାନନ୍ଦଙ୍କର ଏତାଦୃଶ କଥା ମୁନା ଡାକ୍ତର ମନରେ ଦୁଃଖ ଦେଲା । ନିଜ ହୃଦୟର ଦୁଃଖକୁ ଚାପିରଖି ସେ କହିଲା, ''ଆପଣ କ'ଣ କହୁଛନ୍ତି ଜଣେ ଯୋଗୀ ଡାକ୍ତର ନୁହେଁ । ଜଣେ ପ୍ରକୃତି ଚିକିତ୍ସକ କ'ଣ ରୋଗର ଆରୋଗ୍ୟକାରୀ ନୁହନ୍ତି ? ପୁଣି ଜଣେ ମୂତ୍ର ଚିକିତ୍ସକଙ୍କ ବିଦ୍ୟା କ'ଣ ଡାକ୍ତରୀ ବିଦ୍ୟାର ଏକ ଅଂଶ ବିଶେଷ ନୁହେଁ ?''

ହାତରେ ନିଜର ଦାଢ଼ି ସାଉଁଳାଉ ସାଉଁଳାଉ ଯୋଗୀ ଯୋଗାନନ୍ଦ କହିଲେ, ''ତୁମେ ସିନା ସେକଥା ବୁଝୁଛ ଡାକ୍ତର ! ମାତ୍ର ଆଜି ଦେଶରେ ଯେପରି କେତେକ ବିଦେଶୀ ଭ୍ରାନ୍ତ ଧାରଣା ମୁଣ୍ଡଟେକି ଉଠୁଛି, ସେତେବେଳେ ଆମଭଳି ସ୍ୱଦେଶୀ ପ୍ରାଣୀମାନଙ୍କ କଥା କିଏ ପଚାରୁଛି ? ମୋ କଥା ତୁମ ମନରେ ଯେପରି ଦୁଃଖ ଦେଇଛି, ମୋ ମନରେ ମଧ୍ୟ ସେହିପରି ମାନସିକ ଅଶାନ୍ତି ଦେଇଛି ।''

ମୁନା ଡାକ୍ତର ମସ୍ତକ ଅବନତ କରି କହିଲା, ''ଆପଣଙ୍କୁ ଭୁଲ ବୁଝି ମୁଁ ମସ୍ତବଡ଼ ଭୁଲ କରିଥିଲି । ସେଥିପାଇଁ ଆପଣ ମୋତେ.....''

''କ'ଣ କ୍ଷମା ? ଆଜି ଜଣକର କ୍ଷମାର ପ୍ରଶ୍ନ ଉଠୁନି ଡାକ୍ତର । କେତେକ ଲୋକ ଯଦି ସେମାନଙ୍କର ପ୍ରାଚୀନ ସଂସ୍କୃତିର ଫଳ ଉପଭୋଗ

Source: Author, Digitized by PPRACHIN, SOA

ନ କରି ଖାଲି ଆଳସ୍ୟ ଓ ଅଜ୍ଞାନତା ସହ ଜୀବନ ବିତାନ୍ତି, ତେବେ ସେମାନେ କ୍ଷମାର ପାତ୍ର ହୋଇ ପାରିବେ ତ ?'' ଯୋଗୀ ଯୋଗାନନ୍ଦ କହିଲେ ।

ସମସ୍ୱରରେ ପିଲା ଦୁଇଜଣ ଯୋଗୀ ଯୋଗାନନ୍ଦଙ୍କ କଥା ଶୁଣି କହିଉଠିଲେ, ''ଆମେ କ'ଣ କରିବୁ ? ଆମେ ରୋଗୀ । ଆମେ ଅସହାୟ... ।''

ଏକ ତୀକ୍ଷ୍ଣ ବ୍ୟଙ୍ଗାତ୍ମକ ସ୍ୱରରେ ଯୋଗୀ ଯୋଗାନନ୍ଦ କହିଲେ, ''ତୁମେ ସବୁ କ'ଣ କରିବ ? ଭଗବାନ ତୁମ୍ଭମାନଙ୍କୁ ହାତ ଗୋଡ଼ ଦେଇଛନ୍ତି । ବୁଦ୍ଧି ମଧ ଦେଇଛନ୍ତି । ଏସବୁ ଥିବା ସତ୍ତ୍ୱେ ପୁଣି ମୋତେ ପଚାରୁଛ କ'ଣ କରିବ ? ଆଉ ମୁଁ ଜଣେ ଏକଶତ ଜନ୍ମବାର୍ଷିକୀ ଅତିକ୍ରମ କରିଥିବା କଳା ପକ୍ୱକେଶଧାରୀ ଯୁବକ ତୁମଭଳି ଉଣେଇଶ କୋଡ଼ିଏ ବର୍ଷର ବୃଦ୍ଧମାନଙ୍କୁ ଉପଦେଶ ଦେବି ?''

Source: Author, Digitized by PPRACHIN, SOA

''ଆପଣଙ୍କ ଉପଦେଶର ଭିକ୍ଷାର୍ଥୀ ଆମେ । ଆମକୁ ଆଉ ଲଜ୍ଜିତ କରନ୍ତୁ ନାହିଁ ମହାଶୟ ! ଆମେ ଆମର ଭୁଲ ବୁଝି ପାରିଛୁ ।'' ସମସ୍ୱରରେ ଯୁବକଦ୍ୱୟ କହିଉଠିଲେ ।

ଯୋଗୀ ଯୋଗାନନ୍ଦ କହିଲେ, ''ତା'ହେଲେ ତୁମ୍ଭେମାନେ ଦୃଢ଼ ସଂକଳ୍ପ ବଦ୍ଧ ଯେ ମୋର କଥା ଅନୁସାରେ କାମ କରିବ ବୋଲି ?''

''ଆମେ ସ୍ଥିର ନିଶ୍ଚିତ ।'' ଯୁବକଦ୍ୱୟ କହିଲେ ।

''ତେବେ ଯୋଗକର । ଯୋଗହିଁ ଏକମାତ୍ର ଚିକିତ୍ସା ଯାହାକି ତୁମମାନଙ୍କର ପୂର୍ବ ସ୍ୱାସ୍ଥ୍ୟକୁ ଫେରାଇ ଆଣିବ । ପୁଣି ତୁମମାନଙ୍କୁ ଯୁବକରେ ପରିଣତ କରିପାରିବ ।''

ମୁନା ପଚାରିଲା, ''ଡାକ୍ତର ! ଆପଣ ଆମ୍ଭମାନଙ୍କୁ ଯୋଗର ସାରତତ୍ତ୍ୱ ବିଷୟରେ ବୁଝାଇ କହିବେ କି ?''

ମୁନାର କଥା ଶୁଣି ଯୋଗୀ ଯୋଗାନନ୍ଦ ଉତ୍ସାହିତ ହୋଇ ମୁନାକୁ ପ୍ରଶ୍ନକଲେ, ''ମୁନା ! ତୁମ୍ଭେମାନେ ତ ସ୍କୁଲରେ ଖେଳ, କସରତ ଓ ବ୍ୟାୟାମ ଆଦି କର । ତୁମେ ନିଜେ ବ୍ୟାୟାମର ମୂଳନୀତି କ'ଣ କହିଲ ?''

ମୁନା କହି ଚାଲିଲା, ''ଆଜ୍ଞା ! ମଣିଷର ଶରୀର ହେଉଛି ଇଞ୍ଜିନ ସଦୃଶ । କଳଟି ଚାଲିବା ପାଇଁ ଯେମିତି ଜାଳେଣି ଓ ପାଣି ଦରକାର ପଡ଼େ, ସେହିପରି ମାନବ ଶରୀରରେ ଚଳମାନ ଶକ୍ତି ରହିବା ପାଇଁ ଖାଦ୍ୟ ଓ ପାନୀୟର ଆବଶ୍ୟକତା ରହିଛି । କେବଳ ଖାଦ୍ୟ ଓ ପାନୀୟ ଦ୍ୱାରା ଯେ ମଣିଷ ଶରୀର ସବୁବେଳେ କାର୍ଯ୍ୟକ୍ଷମ ହେବ, ସେପରି ଭାବିବା ଏକ ଭ୍ରମ ଧାରଣା ଛଡ଼ା ଆଉ କିଛି ନୁହେଁ । ବରଂ ସବୁଠାରୁ ବଡ଼କଥା ହେଲା କଳଟିକୁ କାର୍ଯ୍ୟକ୍ଷମ କରି ରଖିବା ।''

ଯୋଗୀ ଯୋଗାନନ୍ଦ ପ୍ରଶ୍ନକଲେ, ''ତା'ହେଲେ ତୁମେ କହିବାକୁ ଚାହଁ ଯେ ମଣିଷ ଶରୀରକୁ କାର୍ଯ୍ୟକ୍ଷମ କରି ରଖିବା ହେଉଛି ସବୁଠାରୁ ବଡ଼କଥା ?''

Source: Author, Digitized by PPRACHIN, SOA

"ହଁ," ମୁନା ଡାକ୍ତର କହିଲା। ମୁନା ପୁଣି କହିଲା, "ତେବେ ମଣିଷର ଶରୀର କିପରି କାର୍ଯ୍ୟକ୍ଷମ ରହିପାରିବ ? ଶରୀରକୁ ଅନବରତ କାର୍ଯ୍ୟକ୍ଷମ ରଖିବା ପାଇଁ ବ୍ୟାୟାମ ହିଁ ଏକମାତ୍ର ପନ୍ଥା।"

ମୁନାର ଉତ୍ତର ଶୁଣି ଯୋଗୀ ଯୋଗାନନ୍ଦ ଖୁସିହେଲେ ଓ ପଚାରିଲେ, "ମୋର ପ୍ରିୟ ଡାକ୍ତର ! ତୁମେ ବ୍ୟାୟାମର ମୂଳକଥା ବୁଝିପାରିଛ। ହେଲେ, ତୁମେ ଏଠାରେ ଥିବା ତୁମର ଅନ୍ୟ ଦୁଇବନ୍ଧୁଙ୍କ ଲାଗି ବ୍ୟାୟାମର ଉପକାରିତା ବିଷୟରେ କିଛି କହିଲେ ଭଲହେବ।"

ମୁନା ଡାକ୍ତର କହିଲା, "ମହାଶୟ ! ଆପଣ ଆମକୁ ଯୋଗ ବିଷୟରେ କିଛି କହିବେ ତ ?"

ଯୋଗୀ ଯୋଗାନନ୍ଦ କହିଲେ, "ଡାକ୍ତର ! ସେଥିରେ ପୁଣି ଭାବିବାର କ'ଣ ଅଛି ? ତୁମରି ମୁହଁରୁ ବ୍ୟାୟାମର ଉପକାରିତା ବିଷୟରେ କିଛି ଶୁଣିଲେ ହୁଏତ ତୁମର ବନ୍ଧୁମାନଙ୍କ ଉପରେ କିଛି ପ୍ରଭାବ ପଡ଼ିବ।"

ମୁନା ଆରମ୍ଭ କଲା, "ବ୍ୟାୟାମ ଦ୍ୱାରା ଶରୀରରେ ଠିକ୍ ରୂପେ ରକ୍ତ ସଞ୍ଚାଳନ ହୁଏ। ମାଂସପେଶୀର ଉପଯୁକ୍ତ ଗଠନ ହୁଏ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ସମନ୍ୱୟ ରହେ। ଦେହ ନିରୋଗ ରହେ। ରାତ୍ରିରେ ସୁନିଦ୍ରା ମଧ୍ୟ ହୁଏ।"

ପିଲାମାନଙ୍କୁ ବ୍ୟାୟାମର ଉପକାରିତା ବୁଝାଇବାକୁ ଯାଇ ଯୋଗୀ ଯୋଗାାନନ୍ଦ ଆଗ୍ରହର ସହିତ ବର୍ଣ୍ଣନା କଲେ, "ପିଲାମାନେ ! ବ୍ୟାୟାମର ଉପକାରିତା କେବଳ ଗୋଟିଏ ନୁହେଁ। ମାନବ ଶରୀରର ରକ୍ଷଣାବେକ୍ଷଣ ନେଇ ଏହାର ଉପକାର ଅସରନ୍ତି। ଏହାଦ୍ୱାରା ଶରୀର ନିରୋଗ ରହିବା ସହିତ ମଣିଷ ମନର କ୍ଲାନ୍ତି ଓ ବିଷାଦ ଦୂରୀଭୂତ ହୁଏ ଏବଂ ସେ ପରମ ଶାନ୍ତିର ଅଧିକାରୀ ହୁଏ। ତା'ର ପ୍ରତିଭାର ବିକାଶ ହୁଏ। ପ୍ରତିଭାର ବିକାଶ ସହିତ ଶାରୀରିକ ଓ ମାନସିକ ବିକାଶ ମଧ୍ୟ ସମତାଳରେ ଘଟିଥାଏ।"

Source: Author, Digitized by PPRACHIN, SOA

ମୁଣ୍ଡର ବାଳ ପାଚି ଯାଇଥିବା ପିଲା ଜଣକ କହିଲା, ‘‘ଠିକ୍ କଥା କହୁଛନ୍ତି ଆଜ୍ଞା ! ଆମକୁ ବିଦ୍ୟାଳୟରେ ଖେଳ ସାର୍ ମଧ୍ୟ ଏଇ କଥା କହୁଥିଲେ ।’’

‘‘କ’ଣ କହୁଥିଲେ ?’’ ଯୋଗୀ ଯୋଗାନନ୍ଦ ପଚାରିଲେ ।

ପିଲାଟି କହିଲା, ‘‘ସାର୍ କହୁଥିଲେ... ପିଲାମାନେ, ତୁମେ ଖେଳକସରତ କର । ଏହି ଖେଳ କସରତ ହିଁ ତୁମକୁ ବଡ଼ ବଡ଼ କଥା, ନୀତି ଓ ନିୟମମାନ ବୁଝିବାକୁ ଶକ୍ତି ସାମର୍ଥ୍ୟ ଆଣିଦେବ । ମୋର ତ ବଡ଼ ଡ଼ର ଥିଲା ପିଥାଗୋରସ୍‌ଙ୍କ ଉପପାଦ୍ୟ ପ୍ରତି । ଯେତେ ବୁଝିଲେ ମଧ୍ୟ ସେ ଉପପାଦ୍ୟ ବୁଝିବା ମୋ ପକ୍ଷରେ ବଡ଼ କଷ୍ଟକର ଥିଲା । ପିଥାଗୋରସ୍ ଉପପାଦ୍ୟ ନାମ ଗଣିତ ଶିକ୍ଷକ ଧରିଲା ମାତ୍ରେ ମୋ ଦେହ ଝାଳନାଳ ହୋଇ ଯାଉଥିଲା । ତେଣୁ ମୁଁ ପଚାରିଲି, ‘‘ସାର୍ ! ମୁଁ ଖେଳକସରତ କଲେ ପିଥାଗୋରସ୍ ଉପପାଦ୍ୟ ସହଜରେ ବୁଝି ପାରିବି ତ ?’’

ପିଲାଟିର ଆବେଗଭରା ସ୍ୱୀକାରୋକ୍ତି ଯୋଗୀ ଯୋଗାନନ୍ଦଙ୍କ ହୃଦୟ ଛୁଇଁଲା । ସେ କହିଲେ, ‘‘ଆରେ ବାପା ! ସାର୍ ଯାହା କହିବେ ମୁଁ ମଧ୍ୟ ସେଇୟା କହିବି । ଆମ ପାଖରେ ସ୍ୱାମୀ ବିବେକାନନ୍ଦ ଥିଲେ କହିଥାନ୍ତେ - **You can understand Geeta better by playing football** । ଅର୍ଥାତ୍ ଖେଳ କସରତ କଲେ ଶରୀର ଶାସ୍ତ୍ରାଦି ବୁଝିବାକୁ କ୍ଷମ ହୋଇପାରେ । ତେଣୁ ଯାହା ସତ ତାହା ଚିରକାଳ ସତ୍ୟ । ଯେତେ ପରୀକ୍ଷା ନିରୀକ୍ଷା କଲେ ମଧ୍ୟ ସତ ହିଁ ସତ । ସେହି ସତ୍ୟକୁ ଆମେ କେବଳ ଯୁଗ ଯୁଗଧରି ଆଗାମୀ ବଂଶଧର ମାନଙ୍କ ପାଖରେ ପହଞ୍ଚାଇ ଦେଇ ପାରୁଛୁ । ଯିଏ ସତ୍ୟକୁ ଜୀବନର ମୂଳମନ୍ତ୍ର କରି ପାରୁଛି ସେ ସତ୍-ଚିତ୍-ଆନନ୍ଦର ଅଧିକାରୀ ହେଉଛି । ତା’ର ମନ ମଧ୍ୟ ସୁଖ-ଦୁଃଖରେ ସ୍ଥିର ରହି ପାରୁଛି ।’’

ଯୋଗୀଙ୍କର ଏ ପ୍ରକାର ଚିନ୍ତାଧାରା ମୁନା ମନରେ କିଛିଟା ସନ୍ଦେହ ସୃଷ୍ଟି କଲା । ତେଣୁ ସେ ପଚାରିଲା, ‘‘ଆପଣ ତା’ହେଲେ

Source: Author, Digitized by PPRACHIN, SOA

କହୁଛନ୍ତି ଯେ ଜଣକର ଭୟାବହ କ୍ଷତି ହେଲେ ମଧ ସେ ଯଦି ସତ୍ୟର ଅଧିକାରୀ ହୋଇଥିବ, ତେବେ ମଧ ତା'ର ମନ ସ୍ଥିର ରହିବ ?''

ଯୋଗୀ ଯୋଗାନନ୍ଦ ଜାଣି ପାରିଲେ ଯେ ସେଠାରେ ଉପସ୍ଥିତ ପିଲାମାନଙ୍କ ମନରେ କେତେକ ଭ୍ରମଧାରଣା ଦେଖା ଦେଇଛି । ସେ ସେମାନଙ୍କ ମନରୁ ସନ୍ଦେହ ଦୂର କରିବା ପାଇଁ କଥାର ଗତି ବଦଳାଇଲେ ଓ କହିଲେ, ''ପିଲାମାନେ ! ତୁମେ ସବୁ କଇଁଛ ଦେଖିଛ... ?''

ମୁନା କହିଲା, ''ଡାକ୍ତର ! ଆମ ଗାଁର ମହାଦେବ ମନ୍ଦିର ନିକଟସ୍ଥ ପୁଷ୍କରିଣୀରେ ଅନେକ କଇଁଛ ଅଛନ୍ତି ।''



ପେଟ ରୋଗଦ୍ୱାରା ଆକ୍ରାନ୍ତ ହୋଇଥିବା ପିଲାଜଣକ କହିଲା, ''ଥରେ ଆମ ଗାଁ ଦାଣ୍ଡରେ କଇଁଛଟିଏ ଚାଲୁଥିଲା । କଇଁଛକୁ ଦେଖି

Source: Author, Digitized by PPRACHIN, SOA

ଆମ୍ଭମାନଙ୍କ ମନରେ କୌତୂହଳ ଦେଖାଦେଲା । ଆମ ଭିତରୁ ଜଣେ କଇଁଛଟି ଦେହରେ ବାଡ଼ିଟିଏ ବଜାଇ ଦେଲା ।''

''ତା'ପରେ କ'ଣ ହେଲା ?'' ମୁନା ପଚାରିଲା ।

ପିଲାଟି କହିଲା, ''ବାଡ଼ି ବାଜିବା କ୍ଷଣି କଇଁଛଟି ତା'ର ଗୋଡ଼ଗୁଡ଼ିକ ଜାକି ଅଚଳ ହୋଇ ପଡ଼ିରହିଲା । ଆମ ଭିତରୁ ଅନେକଙ୍କ ଧାରଣା ହେଲା ଯେ କଇଁଛଟି ମରି ଯାଇଛି ।''

ଯୋଗୀ ଯୋଗାନନ୍ଦ କହିଲେ, ''ବେଶ୍ ଭଲକଥାଟିଏ କହିଲ । କଇଁଛଟି କ'ଣ ସତରେ ମରି ଯାଇଥିଲା ?''

ପିଲାଟି କହିଲା, ''କଇଁଛଟି ମରିବ କାହିଁକି ଆଜ୍ଞା, ଆମେ କଇଁଛଟି ମରିଛି ବୋଲି ବାଡ଼ିକଡ଼ରେ ପକାଇ ଚାଲି ଯାଉଥିଲୁ । କିଛି ସମୟପରେ ଆମେ ଦେଖିଲୁ ଯେ କଇଁଛଟି ଆମ ଯିବାର ସୂଚନା ପାଇପାରିଛି । ସେ ତା'ର ଗୋଡ଼ ଗୁଡ଼ିକ ବାହାର କରିଛି ଓ ପୁଣି ଚାଲିବାକୁ ଆରମ୍ଭ କରିଛି ।''

ଯୋଗୀ ଯୋଗାନନ୍ଦ ଏଥରକ ପିଲାଟିକୁ ବୁଦ୍ଧିମାନ ପ୍ରଶ୍ନଟିଏ ପଚାରିଲେ, ''କହିଲ, କଇଁଛ ପ୍ରତି ତୁମର ଏହି ଅନୁଧ୍ୟାନରୁ ତୁମେ କ'ଣ ଜାଣିଲ ?''

ପିଲାଟି କହିଲା, ''କଇଁଛଟି ପ୍ରକୃତରେ ମରି ନ ଥିଲା । ସେ କେବଳ ଆତ୍ମରକ୍ଷା ପାଇଁ ନିଜର ଶକ୍ତି ପ୍ରୟୋଗ କରୁଥିଲା ।''

ଯୋଗାନନ୍ଦ ପୁଣି ପଚାରିଲେ, ''କଇଁଛଟିର ଏପରି ଛଳନାର ସାମର୍ଥ୍ୟ କିପରି ଆସିଥିଲା ?''

''କଇଁଛର ମନ ଯୋଗୁଁ ।'' ମୁନା ଉତ୍ତର ଦେଲା ।

ଯୋଗୀ ଯୋଗାନନ୍ଦ ମୁନାର ଉତ୍ତର ଶୁଣି ବିଶେଷ ଖୁସିହେଲେ । କହିଲେ -''ତୁମେ ଠିକ୍‌କଥା କହିଛ... ମୋର ସ୍ନେହାସ୍ପଦ ଡାକ୍ତର । ଆମର ମନକୁ ଠିକ୍ କଇଁଛର ମନପରି କରିବାକୁ ପଡ଼ିବ । ତା'ହେଲେ

Source: Author, Digitized by PPRACHIN, SOA

ଆମେ ସବୁବେଳେ ସୁଖର ଆତିଶଯ୍ୟରେ ଭାବ ବିହ୍ୱଳିତ ହେବା ନାହିଁ କି ଦୁଃଖରେ ମଧ୍ୟ ଭାଙ୍ଗି ପଡ଼ିବା ନାହିଁ । ଆମର ମନ ସେତିକିବେଳେ ଆମର ନିୟନ୍ତ୍ରଣରେ ରହି ପାରିବ ।''

ମୁନା କହିଲା, ''ଆପଣ ଯାହା କହୁଛନ୍ତି ତାହା ପୂରାପୂରି ସତ । ମାତ୍ର ମଣିଷର ମନ ଏତେ ଚଗଲା ଯେ ତାକୁ ସହଜରେ ଧରି ବାନ୍ଧି ରଖିହେଉ ନାହିଁ । ଆମଭଳି ପିଲାଙ୍କ କଥା ଛାଡ଼ନ୍ତୁ । ବଡ଼ ମଣିଷମାନେ ମଧ୍ୟ ସେମାନଙ୍କ ମନକୁ....''

ଯୋଗୀ ଯୋଗାନନ୍ଦ କହିଲେ, ''ଦେଖ କୁନି ଡାକ୍ତର ! ତୁମେ କୁନା-କୁନି ପିଲାମାନେ ସବୁବେଳେ ତୁମ୍ଭେମାନଙ୍କ ଆଗରେ ଥିବା ବୟସରେ ବଡ଼ ମଣିଷଙ୍କ କଥାକୁ ଟିକକ କଥାରେ ଆଗକୁ ଆଣ । ତୁମ୍ଭେମାନେ ବୁଝନା ଯେ ଅଭ୍ୟାସ ବଳରେ ଅସମ୍ଭବ କଥା ସହଜରେ ସମ୍ଭବ ହୋଇ ପାରିବ । ପୁଣି ଯେଉଁ ଅଭ୍ୟାସ ବାଲକାଳରେ ହୁଏ ନାହିଁ, ସେହି ସବୁ ସଦାଚାର ସମ୍ପନ୍ନ ଅଭ୍ୟାସ ଜୀବନ ବିତିଗଲେ ମଧ୍ୟ ହେବନାହିଁ ।''

ପକ୍ୱକେଶଧାରୀ ପିଲାଟି ପଚାରିଲା, ''ତା'ହେଲେ ମନକୁ....''

''ହଁ, ମଣିଷର ମନକୁ ସଂଯତ ରଖିବାକୁ ପଡ଼ିବ'' ଯୋଗୀ ଯୋଗାନନ୍ଦ କହିଲେ । ସେ ପୁଣି ଆରମ୍ଭ କଲେ ମଣିଷର ଇନ୍ଦ୍ରିୟ ଗୁଡ଼ିକ ହିଁ ସବୁବେଳେ ମଣିଷ ମନରେ କାମନା ଓ ବାସନା ଆଣିଦେଇଥାନ୍ତି । କାମନା ଓ ବାସନା ଗୁଡ଼ିକ ଯୋଗୁଁ ମଣିଷର ଆତ୍ମାର ବିକାଶ ଘଟେ ନାହିଁ । ଫଳରେ ମଣିଷ ଅଜ୍ଞାନ - ଅନ୍ଧକାର ମଧ୍ୟରେ ଘାଣ୍ଟି ଚକଟି ହେଉଥାଏ ।''

''ତା'ପରେ କ'ଣ ହୁଏ ?'' ମୁନା ପଚାରିଲା ।

ଯୋଗୀ ଯୋଗାନନ୍ଦ କହିଲେ, ''ଏହି ଅଜ୍ଞାନତା ହିଁ ମଣିଷର ଦୈହିକ ଓ ମାନସିକ ବିକୃତିର କାରଣ ହୁଏ ।''

Source: Author, Digitized by PPRACHIN, SOA

‘‘ଏଥିରୁ ଆମକୁ କିପରି ରକ୍ଷା ମିଳିବ ?’’ ପେଟଯନ୍ତ୍ରଣା ଭୋଗୁଥିବା ପିଲାଟି ମୁହଁ ଶୁଖାଇ ପଚାରିଲା ।

ଯୋଗୀ ଯୋଗାନନ୍ଦ କହିଲେ, ‘‘ଆରେ ବାପା, ମୁହଁ ଶୁଖାଇବାର କିଛି କାରଣ ନାହିଁ । ମଣିଷର ମନକୁ ସଞ୍ଜତ କରିବାକୁ ପଡ଼ିବ । ମଣିଷର ମନ ସଂଜତ ହେଲେ ଦୈହିକ ଓ ମାନସିକ ଅଜ୍ଞାନତା ଦୂର ହେବ । ଏହି ଦୈହିକ ଓ ମାନସିକ ଅଜ୍ଞାନତାକୁ ଦୂର କରିବା ହେଉଛି ଯୋଗର ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ କେତେକ ଦୈହିକ ଓ ମାନସିକ ବ୍ୟାୟାମ କରିବାକୁ ପଡ଼ିବ । ଆଚ୍ଛା ପିଲାଏ ! ତୁମ୍ଭେମାନେ କେବେ ଆସନ କରିଛ ?’’

‘‘ଆମେ ଆସନ ବିଷୟରେ ଶୁଣିଛୁ ।’’ ପିଲାମାନେ କହିଲେ ।

ମସ୍ତକର ଅସଜଡ଼ା କେଶବିନ୍ୟାସ ଉପରେ ଆଙ୍ଗୁଳି ଚାଳନା କରୁ କରୁ ଯୋଗୀ ଯୋଗାନନ୍ଦ କହିଲେ, ‘‘ଆମେ ସବୁ ଶୁଣିବାରେ ଅଭ୍ୟସ୍ତ । କିନ୍ତୁ ଯାହା ଶୁଣୁ ତାକୁ କାର୍ଯ୍ୟରେ ପରିଣତ କରୁନାହୁଁ ।’’

Source: Author, Digitized by PPRACHIN, SOA

ଏତକ କହି ଯୋଗୀ ଯୋଗାନନ୍ଦ କୋଠରୀ ସଲଂଗ୍ନ ଘରକୁ ପଦଚ଼ାଳନା କଲେ ଓ ଯୋଗର କେତେକ ଉପାଦେୟ ବହିଗୁଡ଼ିକ ଆଣି ପିଲାମାନଙ୍କ ହାତକୁ ବଢ଼ାଇ ଦେଉ ଦେଉ କହିଲେ, ''ପିଲାମାନେ ! ବହି ଗୁଡ଼ିକ ନିଅ । ସେଥିରେ ଶୀର୍ଷାସନ, ଶବାସନ, ସୂର୍ଯ୍ୟାସନ ଆଦି ଆସନ ଗୁଡ଼ିକର ଛବି ଅଛି । ଆସନ ଗୁଡ଼ିକର ଉପକାରିତା ମଧ ବର୍ଣ୍ଣନା କରାଯାଇଛି । ସେଗୁଡ଼ିକୁ ଅଭ୍ୟାସ କରିବ । ତୁମର ଶରୀର ମଧ ସୁସ୍ଥ ଓ ସବଳ ରହିବ ।''

ଆଶ୍ରମର ଆର ଧାଡ଼ି ଘର ପାଖରେ ବାନ୍ତି କରୁଥିବା ଏକ ଲୋକ ପ୍ରତି ଲକ୍ଷ୍ୟକରି ମୁନା କହିଲା, ''ଯୋଗାଚ଼ାର୍ଯ୍ୟ ! ସେଠାକୁ ଚାହିଁଲେଣି । ବୋଧହୁଏ ଅତ୍ୟଧିକ ଭୋଜନ ପରେ ଆପଣଙ୍କ ଆଶ୍ରମବାସୀ ଜଣେ ବାନ୍ତି କରୁଛି ।''

ଯୋଗୀ ଯୋଗାନନ୍ଦ ବାହାରକୁ ଦୃଷ୍ଟି ନିକ୍ଷେପ କରି କହିଲେ, ''ଲୋକଟି ବାନ୍ତି କରୁନି । ତା'ର ପାକସ୍ଥଳୀକୁ ଅମ୍ଳ ଦାଉରୁ ରକ୍ଷା କରିବା ପାଇଁ କୃତ୍ରିମ ଉପାୟରେ ବାନ୍ତି କରୁଛି । ଫଳରେ ତା'ର ପାକସ୍ଥଳୀରେ ଥିବା ଅଧିକ ଅମ୍ଳ ଧୋଇହୋଇ ବାହାରକୁ ଆସୁଛି ।''

''ବେଶ୍ ଭଲ କଥା ତ... ।'' ମୁନା କହିଲା ।

ଯୋଗୀ ଯୋଗାନନ୍ଦ କହିଲେ, ''ଲୋକଟି ଅତ୍ୟଧିକ ଅମ୍ଳ ଯୋଗୁଁ ପେଟରୋଗ ଦ୍ୱାରା ଆକ୍ରାନ୍ତ । ଅତ୍ୟଧିକ ଅମ୍ଳ କ୍ଷୟ ଯୋଗୁଁ ତା'ର ପାକସ୍ଥଳୀରେ ଘା' ହୋଇଛି । ତେଣୁ ପ୍ରତିଦିନ ତା'ର ପାକସ୍ଥଳୀ ଧୋଇବାକୁ ପଡୁଛି ।''

''ସେ କିପରି ତା'ର ପାକସ୍ଥଳୀ ଧୋଉଛି ?'' ପେଟରୋଗ ଭୋଗୁଥିବା ପିଲା ଜଣକ ପଚ଼ାରିଲା ।

ଯୋଗୀ ଯୋଗାନନ୍ଦ କହିଲେ, ''ସେ ଖାଲିପେଟରେ ଅଧିକ ପାଣି ପିଉଛି ଓ କିଛି ସମୟପରେ ପେଟରେ କହୁଣୀଦ୍ୱୟ ରଖି ଅଳ୍ପ ଅଳ୍ପ

Source: Author, Digitized by PPRACHIN, SOA

ଚାପ ଦେଉଛି । ଫଳରେ ପିଇଥିବା ପାଣି ପାକସ୍ଥଳୀରୁ ବାହାରି ଆସୁଛି । ପାକସ୍ଥଳୀ ମଧ୍ୟ ଆପେ ଆପେ ସଫା ହୋଇ ଯାଉଛି ।''

ପେଟରୋଗ ଭୋଗୁଥିବା ପିଲାଟି କହିଲା, ''ଏଥିପାଇଁ କ'ଣ ତାକୁ ଅଭ୍ୟାସ କରିବାକୁ ପଡ଼ିଛି ?''

ଯୋଗୀ ଯୋଗାନନ୍ଦ କହିଲେ, ''ନିଶ୍ଚୟ ! ଏଥିପାଇଁ ତାକୁ ଯୋଗର ଆଶ୍ରୟ ନେବାକୁ ପଡ଼ିଛି ଓ କିପରି ପାକସ୍ଥଳୀକୁ ଧୋଇବାକୁ ପଡ଼େ ସେଥିପାଇଁ ମଧ୍ୟ ଅଭ୍ୟାସ କରିବାକୁ ପଡ଼ିଛି ।''

ପିଲାଟି ସନ୍ତୁଷ୍ଟ ନୟନରେ ଯୋଗୀ ଯୋଗାନନ୍ଦଙ୍କ ଆଡ଼କୁ ଚାହିଁଲା ।

ଯୋଗୀ ଯୋଗାନନ୍ଦ ଏକ ହାସ୍ୟରୋଳ ସୃଷ୍ଟି କରିବା ପାଇଁ କହିଲେ, ''ତୁମର ବ୍ୟସ୍ତହେବାର କିଛି ନାହିଁ । ତୁମେ ମୋ ଆଶ୍ରମରେ ପ୍ରବେଶ କରିବାକ୍ଷଣି ହୁଏତ ତୁମର ରୋଗ ଅଧା ଅଧି ଭଲ ହୋଇଯିବଣି । ଆଉ ଯାହା ବାକି ଅଛି, ତାହା ଭଲ କରିବା ନିମନ୍ତେ ମୁଁ ତୁମକୁ ଆବଶ୍ୟକ ତାଲିମ ଦେବି ।''

ସମସ୍ତେ ସମସ୍ୱରରେ ହସି ଉଠିଲେ ।

ମୁନା ଡାକ୍ତର ମଧ୍ୟ ସେମାନଙ୍କ ସହ ହସରେ ଯୋଗ ଦେଲା ।

ଯୋଗୀ ଯୋଗାନନ୍ଦ କହିଲେ, ''ପିଲାମାନେ ! ଯୋଗ ସମ୍ପର୍କରେ ତୁମ୍ଭମାନଙ୍କ ମନରେ ଆଗ୍ରହ ଦେଖା ଦେଇଛି । ତୁମ୍ଭେମାନେ ଆଜି ରାତିଟା ମୋର ଆଶ୍ରମରେ ରହିଯାଅ । ଆଗାମୀକାଲି ପ୍ରତ୍ୟୁଷରୁ ମୁଁ ତୁମକୁ ସୂର୍ଯ୍ୟ ପ୍ରାଣାୟମର କୌଶଳ ବିଷୟରେ ଶିକ୍ଷାଦେବି ।'' ଯୋଗଶିକ୍ଷା କରିବା ପାଇଁ ସମସ୍ତେ ଯୋଗୀ ଯୋଗାନନ୍ଦଙ୍କୁ ନିଜ ନିଜର ସମ୍ମତି ଜଣାଇଲେ ।

❖❖❖

Source: Author, Digitized by PPRACHIN, SOA

।। ପାଞ୍ଚ ।।

ମୁନା ଡାକ୍ତରର ମନ ଉପରେ ପ୍ରକୃତି ଚିକିତ୍ସା, ଯୋଗ, ମୂତ୍ର ଚିକିତ୍ସା ଆଦିର ଯେତିକି ପ୍ରଭାବ ପଡ଼ିଛି, ସେତିକି ତା'ର ଚିନ୍ତାରାଜ୍ୟରେ ମଧ୍ୟ ବିକାଶ ଘଟିଛି ।



Source: Author, Digitized by PPRACHIN, SOA

ଇତି ମଧ୍ୟରେ କାଠି କୁଟା ଓ ଇଟାଦେଇ ସେ ଘରଟିଏ ତୋଳି ସାରିଛି । ସେହି ଘରଟି ହେଉଛି ତା'ର ଡାକ୍ତରଖାନା । କେହି କେହି କହନ୍ତି, 'ମୁନା ବାବୁଙ୍କ ଚିକିତ୍ସାଳୟ' ।

ମୁନା ବାବୁଙ୍କ ଚିକିତ୍ସାଳୟକୁ ଅନେକ ଲୋକ ରୋଗର କଷ୍ଟ ପାଇ ଆସିଥାନ୍ତି । ମୁନାର ହାତର ପରଶ ଯେ ରୋଗ ଭଲ କରିଦିଏ ତାହା ନୁହେଁ, ମାତ୍ର ମୁନାର ହସ ହସ ମୁହଁରେ ରୋଗର ଉପଶମ ପାଇଁ ସେ ଯେଉଁ ସୂଚନା ଦେଇଥାଏ, ସେହି ସୂଚନା ଟିକକ ହିଁ ସେମାନଙ୍କ ରୋଗର ଯନ୍ତ୍ରଣା ଅନେକ କମାଇ ଦେଇଥାଏ ।

ସେଦିନ ହୋଇଥାଏ ଜନ୍ମାଷ୍ଟମୀ । ଘରେ ଘରେ ଭଗବାନ କୃଷ୍ଣଙ୍କର ଭଜନ କୀର୍ତ୍ତନ ଚାଲିଥାଏ । ମୁଁ ମଧ୍ୟ ବାହାରି ଥାଏ ନିକଟସ୍ଥ କୃଷ୍ଣ ମନ୍ଦିରକୁ ଭଗବାନଙ୍କର ଦର୍ଶନ ପାଇଁ ।

ଅନେକ ଦିନପରେ ହଠାତ୍ ରାସ୍ତାକଡ଼ରେ ଦେଖାହେଲା ମୋର ମୁନା ଡାକ୍ତର ସହ । ମୁନା ଡାକ୍ତର ମୋତେ ଦେଖି ଅଳ୍ପ ହସିଲା ଓ କହିଲା, ''ଆସିଗଲ, ଭଲହେଲା । ଅନେକ ଦିନହେଲା ମୁଁ ତୁମକୁ ମନେ ମନେ ଖୋଜୁଥିଲି । ଏତେଦିନ ହେଲା ତୁମେ ଯେ କୁଆଡ଼େ ରହିଥିଲ !''

ମୁଁ ମୁନା ଡାକ୍ତର ସହ ହସରେ ଯୋଗଦେଲି ଓ କହିଲି, ''ତୁମେ ମୋତେ ଖୋଜୁଥିଲ ଏକଥା ମୁଁ ଜାଣେ । ହେଲେ....''

ମୁନା ଡାକ୍ତର କହିଲା, ''ହେଲେ ଆଉ କ'ଣ ? ତୁମେ ଯେ ମୋତେ ଆଗରୁ ପ୍ରତିଶ୍ରୁତି ଦେଇଛ । ମୁଁ ଯେତେବେଳେ ତୁମର ସାହାଯ୍ୟ ଲୋଡ଼ିବି, ସେତେବେଳେ ତୁମେ ମୋତେ ସାହାଯ୍ୟ କରିବ ବୋଲି ।''

ମୁଁ କହିଲି, ''ମୁଁ ତ ମନା କରୁନାହିଁ । ମୁଁ କିପରି ତୁମକୁ ସାହାଯ୍ୟ କରି ପାରିବି, ସେକଥା ତ ତୁମର ମୋତେ ଅନେକ ଆଗରୁ ସୂଚନାଦେବା ଦରକାର ଥିଲା ।''

Source: Author, Digitized by PPRACHIN, SOA

ମୁନା ଡାକ୍ତର କଥାଶୁଣି ମୁଁ ଟିକିଏ ଚିନ୍ତାକଲି । ମୁନା ଡାକ୍ତରର ଚାଳିଆ ଘର ଦେଖି ପଚାରିଲି, ''ଆଚ୍ଛା ମୁନା ଡାକ୍ତର ! ତୁମେ ଏ ଚାଳିଆ ଘରେ କ'ଣ କରୁଛ ? ପୁଣି ତୁମର ଘର ଆଗରେ ଗୋଟିଏ ସାଇନ୍‌ବୋର୍ଡ଼ରେ କ'ଣ ଲେଖିଛ ?''

ମୁନା ଡାକ୍ତର କହିଲା, ''ଡାକ୍ତରଖାନା ! ସେହି କଥା ତ ମୁଁ ଲୋକଙ୍କ ଅବଗତି ଲାଗି ବୋର୍ଡ଼ଟିରେ ଲେଖିଛି । ସେ ପୁଣି କହିଲା, ''କାହିଁ, ମୋର ଡାକ୍ତରଖାନା କ'ଣ ପସନ୍ଦ ଆସୁନାହିଁ ?''

ମୁଁ ନିରବ ରହିଲି ଓ କିଛି ସମୟ ପାଇଁ ମୁନା ଡାକ୍ତରର ଡାକ୍ତରଖାନା ଭିତରକୁ ନଜର ପକାଇଲି ।

ମୋର ନିରବତା ଦେଖି ମୁନା ଡାକ୍ତର କହିଲା, ''ମୁଁ ଜାଣେ ଡାକ୍ତରଖାନାଟି ମୋର ବ୍ୟକ୍ତିଗତ ଚେଷ୍ଟାରେ ପ୍ରତିଷ୍ଠିତ ହୋଇଛି । ମୋ ପାଖରେ ପଇସା ନାହିଁ । ମୋ ଡାକ୍ତରଖାନାରେ ଔଷଧ ପତ୍ର ମଧ୍ୟ ନାହିଁ । କୌଣସି ପ୍ରତିଷ୍ଠିତ ଔଷଧ ପ୍ରସ୍ତୁତକାରୀ ସଂସ୍ଥାଙ୍କର ପ୍ରତିନିଧିମାନେ ସେମାନଙ୍କ ଔଷଧର ସୁଲଭ ବିକ୍ରିପାଇଁ ସେଗୁଡ଼ିକର ନମୁନା ଦେଖାଇବାକୁ ମଧ୍ୟ ଏଠାକୁ ଆସନ୍ତି ନାହିଁ କିମ୍ବା ନମୁନା ଔଷଧକୁ ରୋଗୀଙ୍କୁ ବିକି କିଛି ପଇସା ରୋଜଗାର କରିବା କଥା ମଧ୍ୟ ମୁଁ ଚିନ୍ତା କରେନାହିଁ । ତେଣୁ ତୁମଭଳି ବଡ଼ମଣିଷମାନେ ମୋର ଏ କୁଟାକାଠି ଘେରା ଘରକୁ ଡାକ୍ତରଖାନା ବୋଲି ସ୍ୱୀକାର କରିବାକୁ କୁଣ୍ଠାବୋଧ କରି ପାରନ୍ତି ।''

ମୁଁ ମୁନା ଡାକ୍ତରର ମୋ'ଭଳି ବଡ଼ମଣିଷ ମାନଙ୍କ ପ୍ରତି ଆକ୍ଷେପମୂଳକ କଥାକୁ ମନଦେଇ ଶୁଣୁଥିଲି ଓ ବଡ଼ ମଣିଷଙ୍କ ପ୍ରତିନିଧି ସ୍ୱରୂପ କିଛିଟା ଉତ୍ତରଦେଇ ମୁନା ଡାକ୍ତରକୁ ଶିକ୍ଷା ଦେବା କଥା ମଧ୍ୟ ଚିନ୍ତା କରୁଥିଲି । ମାତ୍ର ମୁନା ଡାକ୍ତର ମୋର ମନର କଥା ବୁଝିପାରିଲା । ସେ କଥାର ଗତି ବଦଳାଇ କହିଲା, ''ଆଚ୍ଛା କହିଲ, ମୁଁ ଡାକ୍ତରଖାନାର ଡାକ୍ତର ନୁହେଁ । ଗୋଟିଏ ବଗିଚାର ମାଲିକ । ବଗିଚାଟିର ମାଲିକ ହିସାବରେ କହୁଚି - ତୁମେ ଟିକିଏ ମୋର ବଗିଚା ବୁଲି ଦେଖିବନି ?''

Source: Author, Digitized by PPRACHIN, SOA

ମୁଁ କହିଲି, ''ବଗିଚାରେ କୋବି ହୁଏ । ବାଇଗଣ କି ସାରୁ ଲଗେଇଥିଲେ ଭଲ । ଏହାଛଡ଼ା ତୁମେ ଜଣେ ଡାକ୍ତର ମିଜାଜର ଲୋକ ହିସାବରେ କେତୋଟି ଅମୃତଭଣ୍ଡା ଗଛ ନିଶ୍ଚୟ ଲଗାଇ ଥିବ । ମୁଁ ଜାଣେ ତୁମେ ଅମୃତଭଣ୍ଡା ଖାଇବାକୁ ଭଲପାଅ । ଆଉ ତୁମ ବଗିଚାରେ ତୁମେ ଅଧିକ କ'ଣ କରିଥିବ ଯେ ମୁଁ ଦେଖିବାକୁ ଯିବି ?''

ମୋ କଥା ଶୁଣି ମୁନା ବିଗିଡ଼ିଗଲା ।



ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଲା, ''ତମର ଅହଂଭାବ ପାଇଁ ମୁଁ ତୁମକୁ ଧନ୍ୟବାଦ ଦେଉଛି । ଅନେକ ଦିନପରେ ତୁମ ସହିତ ମୋର ସାକ୍ଷାତ ହୋଇଛି । ତେଣୁ ଭୁଲି ଯାଉଛ ଯେ ମୁଁ ଜଣେ ମୁନା ଡାକ୍ତର । ପନିପରିବା ବ୍ୟବସାୟୀ ନୁହେଁ ।''

Source: Author, Digitized by PPRACHIN, SOA

ମୁନା ଡାକ୍ତରର ଏଭଳି କୌଶଳପୂର୍ଣ୍ଣ କଥା ମୋର ହୃଦୟକୁ ଛୁଇଁଲା । ମୁଁ କହିଲି, "ମୁନା ଡାକ୍ତର । ମୋ ମନରେ ଭ୍ରମ ହୋଇଛି । ତୁମେ ମୋତେ ଭୁଲ ବୁଝିବନି । କହିବା ଛଳରେ କହୁ କହୁ ଏଣୁ ତେଣୁ କ'ଣ କହିଦେଇଛି । ମୁଁ ଭୁଲି ଯାଇଥିଲି ଯେ ତୁମେ ବୟସରେ ସାନ ହେଲେ ବି ଜଣେ ସମ୍ମାନସ୍ପଦ ବ୍ୟକ୍ତି ।"

ମୁନା କହିଲା, "ତେବେ ତୁମେ କ'ଣ ମୋର ବଗିଚା ବୁଲିଯିବ ?"

ମୁଁ କହିଲି, "ନିଶ୍ଚୟ, ମୁଁ ତୁମର ବଗିଚା ବୁଲି ଆସିବି । ତୁମେ ମୋତେ ବୁଲାଇ ତୁମର ହାତ ତିଆରି ବଗିଚାଟି ଦେଖାଇଲେ ମୁଁ ବିଶେଷ ଖୁସିହେବି ।"

ମୁନା ଡାକ୍ତରଙ୍କ ତଥାକଥିତ ଡାକ୍ତରଖାନା ପଛପଟ ହେଉଛି ତାଙ୍କର ବଗିଚା । ସେହି ବଗିଚା ଭିତରକୁ ଗଲୁ ମୁନା ଡାକ୍ତର ଓ ମୁଁ ।

ବିଭିନ୍ନ ପ୍ରକାରର ବୃକ୍ଷଲତା ବଗିଚାଟିର ଶୋଭା ବର୍ଦ୍ଧନ କରୁଥାଆନ୍ତି । ସେହି ବୃକ୍ଷଲତା ଗୁଡ଼ିକ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶକରି ମୁନା ଡାକ୍ତର ମୋତେ ପଚାରିଲେ, "ସେମାନଙ୍କୁ ତୁମେ ଚିହ୍ନିଛ ?"

ମୁଁ କହିଲି, "ନାହିଁ ।"

ମୁନା ଡାକ୍ତର କହିଲା, "ମୁଁ ଜାଣେ ତୁମେ ସେଗୁଡ଼ିକୁ ଚିହ୍ନି ନ ଥିବ । ତୁମଭଳି ବଡ଼ ଲୋକମାନେ ମଧ୍ୟ ସେମାନଙ୍କୁ ଖୁବ୍ କମ୍ ଚିହ୍ନିଥିବେ । ମାତ୍ର ତୁମକୁ ସେମାନଙ୍କୁ ଚିହ୍ନିବାକୁ ପଡ଼ିବ । କାରଣ ତୁମେ ମୋତେ ସାହାଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଛ ।"

ମୁଁ କହିଲି, "ମୁନା ଡାକ୍ତର ! ତୁମ କଥାରେ ମୁଁ ବିଲକୁଲ୍ ରାଜି ।"

ମୁନାଡାକ୍ତର ଓ ମୁଁ ବଗିଚାରେ ବୁଲୁ ବୁଲୁ ଗୋଟିଏ ଲତା ଗଛ ପାଖରେ ମୁନା ଡାକ୍ତର ଅଟକି ଗଲା । ସେହି ଲତାର ପତ୍ରଟିକୁ ହାତରେ ଏକ ମୃଦୁ ପରଶ ଦେଉ ଦେଉ ମୁନା ଡାକ୍ତର କହିଲା, "ଏହି ଲତାଟିକୁ ଚିହ୍ନିଛ ?"

Source: Author, Digitized by PPRACHIN, SOA

ମୁଁ କହିଲି. "ନାହିଁ ।"

ମୁନା ଡାକ୍ତର କହିଲା, "ଏହି ଲତାଟିକୁ ଆଣିବା ପାଇଁ ମୋତେ ବହୁତ କଷ୍ଟ କରିବାକୁ ପଡ଼ିଛି ।"

ମୁଁ ପଚାରିଲି, "ମୁନା ଡାକ୍ତର ଏହି ଲତାଟି ପୁଣି ତୁମର କେଉଁ କାମରେ ଲାଗୁଛି ?"

ମୁନା ଡାକ୍ତର କହିଲା, "ମୋ କାମରେ ଲାଗୁଛି । ତୁମ କାମରେ... ପୁଣି ସମସ୍ତଙ୍କ କାମରେ ମଧ୍ୟ ।"

"ମାନେ ?" ମୁଁ ପଚାରିଲି ।

ମୁନା ଡାକ୍ତର କହିଲା, "ଶ୍ୱାସ ରୋଗୀଟିଏ ଏହି ଲତାର ପତ୍ର ଖାଇ ଖାଇ ଭଲ ହେଲା । ବିଚରା କି କଷ୍ଟ ପାଉ ନ ଥିଲେ ସତେ ! ସେ କଥା ଭାବିଲା ବେଳକୁ !!"

ଶ୍ୱାସ ରୋଗ କଥା ଶୁଣି ମୋ ଆଖି ଖୋସି ହୋଇଗଲା । ଆରେ. ବାଃ -କି ସାଂଘାତିକ ସେ ଧଇଁ ରୋଗ ! ମୋର ଜେଜେବାପା ଧଇଁ ରୋଗ ଭୋଗି ଭୋଗି ଆର ପାରିକୁ ଟିକଟ କାଟିଲେ । ଯଦି ଏହି ଲତାଟି ଥାଆନ୍ତା ନା !"

ମୋର ଅସମାପ୍ତ ଖିଆଲକୁ ଭାଙ୍ଗି ମୁନା କହିଲା, "ମୁଁ ଜାଣେ ତୁମେ ବେଶୀ ପାନ ଖାଅ । ନିଅ ପାନଟିଏ ଖାଅ । ମୋର ଏ ବଗିଚ଼ାରେ ପାନ ଗଛ ବି ଲାଗିଛି ।"

ମୁଁ ଥଟ୍ଟାକରି କହିଲି, "କ'ଣ ମୁନା ଡାକ୍ତର ବି ପାନ ଖାଆନ୍ତି ?"

ମୁନା କହିଲା, "ଅବଶ୍ୟ ମୁଁ ତୁମ ଭଳି ପାନରେ ଏଣୁ ତେଣୁ ମସଲା ଦେଇ ପାନ ଖାଇବାକୁ ପସନ୍ଦ କରେ ନାହିଁ । ପାନର ରସ ହଜମ ଶକ୍ତି ବଢ଼ାଏ । ଅନେକ ରୋଗ ବି ଭଲ କରେ ।"

ତା'ପରେ ମୁନା ଡାକ୍ତର ପଚାରିଲା, "ତୁମ ଆଖି କେବେ ଧରିଛି ?"

Source: Author, Digitized by PPRACHIN, SOA

ମୁଁ କହିଲି, "ମୁନା ଡାକ୍ତର ! ମୋତେ ଆଖିଧରା ରୋଗ କଥା ପଚାରି ଡରାଅନା । ବଡ଼ ସାଂଘାତିକ ହେଉଛି ଆଖିଧରା ରୋଗ । ଆଖିରେ ଯେଉଁ ଯନ୍ତ୍ରଣା ହୁଏନା... ତାହା ମଧ ଅନେକ ଦିନ ଧରି ମନେ ରହେ । ଖାଲି ମୁଁ ଯେ ଆଖିଧରା ରୋଗ ଭୋଗିଛି, ତାହା ନୁହେଁ । ଥରେ ଆମ ଗାଁରେ ଗୋଟିଏ ଲୋକକୁ ଆଖିଧରା ରୋଗ ନ ଛାଡୁଣୁ ଆଉଜଣେ ଲୋକକୁ ଧରିଲା । ଚାହୁଁ ଚାହୁଁ ଗାଁର ସବୁଲୋକେ କିଛି ଦିନ ପାଇଁ ଆଖିଧରା ରୋଗର ଯନ୍ତ୍ରଣା ଭୋଗିଲେ ।"

ମୁନା ଡାକ୍ତର ମୋ କଥା ଶୁଣି ହସି ହସି କହିଲା, "କାହିଁ ପାନ ପତ୍ରର ରସ ଆଖିରେ ପକାଇ ଦେଖିଲନି । ତା'ପରେ ଜାଣିଥାନ୍ତ ରୋଗର ଉପଶମ ହେଉଛି କି ନାହିଁ ?"

ମୁଁ କହିଲି, "ସେତେବେଳେ ଆମେ ଏହାର ଔଷଧୀୟ ଗୁଣ ବିଷୟରେ ଜାଣି ନ ଥିଲୁ ।"

ମୁନା ଡାକ୍ତର ଏକ ଦୀର୍ଘଶ୍ୱାସ ଛାଡ଼ି କହିଲା, "ହଁ, ନ ଜାଣିବା ହିଁ ଏକ ପ୍ରକାର ଆଶୀର୍ବାଦ ।"

ମୁଁ ମୁନା ଡାକ୍ତରର ଏ ପ୍ରକାର ମନ୍ତବ୍ୟ ଶୁଣି ଟିକିଏ ଲଜ୍ଜିତ ହେଲି । ସତକଥା ଯେତେ କଟୁ ହେଲେ ମଧ ତାହାକୁ ଗ୍ରହଣ କରିନେବା ଯେ ବିଜ୍ଞତାର ପରିଚୟ, ସେହି ଦୃଷ୍ଟିରୁ ମୋତେ ମୁନା ଡାକ୍ତରର କଥା ମାନିନେବାକୁ ପଡୁଥିଲା ।

ତା'ପରେ ମୁନା ଡାକ୍ତର ମୋତେ ତା' ବଗିଚାର ଗୋଟିଏ ପରେ ଗୋଟିଏ ବୃକ୍ଷଲତା ସହ ପରିଚିତ କରାଇଲା । ସେ ବୃକ୍ଷଲତା ଗୁଡ଼ିକର ଆତ୍ମପରିଚୟ ମୁନା ଡାକ୍ତର ମୁହଁରୁ ଶୁଣିସାରିବା ପରେ ମୁଁ ଭାବିଲି... ପ୍ରକୃତି ଆମକୁ କ'ଣ ନ ଦେଇଛି । ରୋଗର ଦୁର୍ଭେଦ୍ୟ ପ୍ରାଚୀର ମଣିଷ ଆଗରେ ଠିଆ କରେଇଛି । ପୁଣି ଅନ୍ୟ ପକ୍ଷରେ ରୋଗକୁ ଭଲ କରିବା ପାଇଁ ପ୍ରକୃତିରେ ଭରି ଦେଇଛି ଏପରି ଔଷଧର ଅସରନ୍ତି ଉଦ୍ଭିଦ ଜଗତ ।

Source: Author, Digitized by PPRACHIN, SOA

ଆଉ ଆମେ... ?

ଅଜ୍ଞାନତା ମଧ୍ୟରେ ଘାଣ୍ଟି ଚକଟି ହେଉଛୁ। ରୋଗର ଉପଶମ ପାଇଁ ବିଭିନ୍ନ ଉପାୟମାନ ଆମର ହାତ ପାହାନ୍ତାରେ ଥାଉ ଥାଉ ଆମେ ମୃଗପରି କସ୍ତୁରୀର ସନ୍ଧାନ ପାଇଁ ଗୋଟିଏ ଡାକ୍ତର ଛାଡ଼ି ଆଉ ଗୋଟିଏ ଡାକ୍ତର ପାଖରେ ରୋଗ ଭଲହେବାର ସନ୍ଧାନରେ ଘୂରି ବୁଲୁଛୁ।

ମୁନା ଓ ମୋର ଏ ଭାବନାର ବିନିମୟ ମଧ୍ୟରେ ଏକ ବ୍ୟାଘାତ ସୃଷ୍ଟି ହେଲା ଜଣେ ଲୋକର ଉପସ୍ଥିତିରେ। ଲୋକଟି କହିଲା, ''ମୁନା ଡାକ୍ତର ? ମୋର ପୁଅର ପାଦରେ ପନିକି ବାଜି କଟି ଯାଇଛି। କ୍ଷତ ସ୍ଥାନରୁ ଅବିଶ୍ରାନ୍ତ ଗତିରେ ରକ୍ତ ବୋହୁଛି। ମୁଁ ଜାଣିବାକୁ ପାଇଲି ଯେ ତା'ର ପାଦକୁ ସିଲେଇ କରିବାକୁ ପଡ଼ିବ। ସିଲେଇ କଥା ଶୁଣି ମୁଁ ଡରିଗଲି। ଆପଣଙ୍କ ପରାମର୍ଶ ନେବାକୁ ଆସିଛି।''

ମୁନା ଡାକ୍ତର କହିଲା, ''ତୁମେ ଯାଅ। ମୁଁ ବଗିଚ଼ାରୁ କିଛି ଔଷଧ ଧରି ଯାଉଛି।''

ଲୋକଟି ସେଠାରୁ ଚାଲିଗଲା। ତା'ପରେ ମୁନା ଡାକ୍ତର ମୋତେ ଲକ୍ଷ୍ୟକରି କହିଲା, ''ମୋତେ ସାହାଯ୍ୟ କରିବ ବୋଲି କହୁଥିଲ। ଯାଅ ବଗିଚ଼ାରୁ କିଛି ଗେଣ୍ଡୁପତ୍ର ତୋଳି ଆଣିବ। ମୁଁ ଯାଉଛି ପିଲାଟିର କ୍ଷତର ଅବସ୍ଥା ଲକ୍ଷ୍ୟ କରିବି।''

ମୁନା ଡାକ୍ତର ବଗିଚ଼ା ଛାଡ଼ି ଚାଲିଗଲା। କିଛି ସମୟ ପରେ ମୁଁ ଗେଣ୍ଡୁପତ୍ର ଧରି ମୁନା ଡାକ୍ତରର ଚିକିତ୍ସାଳୟରେ ପହଞ୍ଚିଲି। ଦେଖିଲି, ମୁନା ଡାକ୍ତର ପିଲାଟିର ବାପାଙ୍କୁ ପଚ଼ାରୁଛି -

''କ୍ଷତ ସ୍ଥାନକୁ ପାଣିରେ ଧୋଇଛ କି ?''

''ନା,'' ପିଲାଟିର ବାପା ଉତ୍ତର ଦେଲେ।

ମୁନା ଡାକ୍ତର କହିଲା, ''ବେଶ୍ ଭଲ କରିଛ। ପାଣିରେ କଟା ଘା'ଟିକୁ ଧୋଇଥିଲେ ଘା'ଟି ପାଚ଼ିଥାନ୍ତା।'' ତା'ପରେ ମୋ ପ୍ରତି ଲକ୍ଷ୍ୟ

Source: Author, Digitized by PPRACHIN, SOA

କରି କହିଲା, "ପତ୍ରଗୁଡ଼ିକୁ ବାଟିଦିଅ ଓ ସେଥିରୁ କିଛି ରସ ବାହାର କର ।"

ମୁଁ ଗେଣ୍ଡୁ ପତ୍ରରୁ ରସ ବାହାର କରି । ମୁନା ଡାକ୍ତର ହାତକୁ ପାତ୍ରଟିକୁ ମଧ୍ୟ ବଢ଼ାଇ ଦେଲି ।

ମୁନା ଡାକ୍ତର ଗେଣ୍ଡୁପତ୍ର ରସରେ କ୍ଷତ ସ୍ଥାନଟିକୁ ଧୋଇଦେଲା । ତା'ପରେ ବଟା ହୋଇଥିବା ପତ୍ରକୁ କ୍ଷତ ସ୍ଥାନରେ ଲେପଦେଲା । ସେହି ଲେପ ଉପରେ କଦଳୀପତ୍ର ଦେଇ ଏକ ସଫାକନାରେ ବାନ୍ଧିଦେଲା ।

ଏଥରକ ଲୋକଟିକୁ ଲକ୍ଷ୍ୟକରି ମୁନା ଡାକ୍ତର କହିଲା, "ଦେଖ, ଦୁଇ ତିନିଦିନ ପର୍ଯ୍ୟନ୍ତ ବନ୍ଧା ସ୍ଥାନଟିକୁ ଖୋଲିବ ନାହିଁ । କ୍ଷତ ସ୍ଥାନଟି ବଡ଼ ହୋଇଛି । ସେଥିପାଇଁ ଡରିବାର ଆବଶ୍ୟକତା ନାହିଁ । ନିଶ୍ଚୟ କଟା ଘା'ଟି ଭଲ ହୋଇଯିବ । ତୁମକୁ ସିଲେଇ କରିବାକୁ ପଡ଼ିବ ନାହିଁ ।"

Source: Author, Digitized by PPRACHIN, SOA

ଲୋକଟି ମୁନା ଡାକ୍ତର ପ୍ରତି ସଭକ୍ତି ପ୍ରଣାମ ଜଣାଇଲା ।

ମୁନା ଡାକ୍ତର ପ୍ରତିବାଦ କରି କହିଲା, "ନା ନା, ଆପଣ ବୟସରେ ବଡ଼ । ମୋ ପ୍ରତି.... ।"

ଲୋକଜଣକ ବରଂ ଯୁକ୍ତି ଦେଖାଇ କହିଲେ, "ବାପା, ଶାସ୍ତ୍ରରେ ଅଛି ବୟସରେ ସାନହେଲେ ମଧ୍ୟ ଜ୍ଞାନୀ ଲୋକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ବିଧେୟ ।"

ଲୋକଟିର ସରଳ କଥା ଶୁଣି ମୁନା ଡାକ୍ତର ଟିକିଏ ହସିଲା ।

ଲୋକଟି ସେଠାରୁ ଗଲାପରେ ମୁଁ ମୁନାଙ୍କୁ ପଚାରିଲି, "ମୁଁ ଜାଣେ ତୁମେ ବିଭିନ୍ନ ଚିକିତ୍ସାବିତ୍‌ଙ୍କ ସହ ଆଲୋଚନା କରି ମୂତ୍ର ଚିକିତ୍ସା, ଯୋଗ ଚିକିତ୍ସା ଓ ପ୍ରକୃତି ଚିକିତ୍ସା ସଂପର୍କରେ ଅନେକ କଥା ଜାଣିଛ । ତା'ହେଲେ ତୁମେ କାହିଁକି ତୁମର ଚିକିତ୍ସାରେ କେବଳ ବୃକ୍ଷଲତାକୁ ସ୍ଥାନ ଦଉଛ ?"

ମୁନା ଡାକ୍ତର କହିଲା, "ସେଇଠି ହିଁ ତୁମର ଭୁଲ ଧାରଣା ହେଉଛି । ତୁମେ କେବେ ଏହି ବିଶ୍ୱଜଗତ ବିଷୟରେ ଚିନ୍ତା କରିଛ ?"

ମୁଁ କହିଲି, "ନାହିଁ ।"

ମୁନା ଡାକ୍ତର କହିଲା, "ଜଣେ ଲୋକ ତା'ର ଅଳ୍ପ ଜୀବନ କାଳ ମଧ୍ୟରେ ଏ ପୃଥିବୀ ବିଷୟରେ ସବୁ କଥା ଜାଣି ପାରିବନି । ଆମର ଏ ପୃଥିବୀରେ ଅନେକ ବିଦ୍ୟା ଅଛି । ସବୁ ବିଦ୍ୟାକୁ ଏକାଠି ମିଶାଇ ଦେଲେ ଆମେ ଏ ବିଶ୍ୱଜଗତ ବିଷୟରେ କିଛି ଧାରଣା କରି ପାରିବା । ସେହିପରି ଡାକ୍ତରୀ ବିଦ୍ୟା ମଧ୍ୟ ଗୋଟିଏ । ସେହି ଡାକ୍ତରୀ ବିଦ୍ୟାର ଚିକିତ୍ସା ପ୍ରଣାଳୀରେ ମଧ୍ୟ ବିଭିନ୍ନ ବିଭାଗ ଅଛି । ସବୁ ବିଭାଗକୁ ତ ଜଣେ ତା'ର ଅଳ୍ପ ଜୀବନ କାଳ ମଧ୍ୟରେ ଆୟତ୍ତ କରି ପାରିବ ନାହିଁ । ଜଣେ ଯେଉଁ ବିଭାଗକୁ ଆୟତ୍ତ କଲା, ତା'ବୋଲି ଯେ ଅନ୍ୟ ବିଭାଗ ଖରାପ ଏପରି ଭାବିବା ଯଥାର୍ଥ ନୁହେଁ ।"

Source: Author, Digitized by PPRACHIN, SOA

ମୁଁ ପଚାରିଲି, "ଉଦାହରଣଟିଏ ଦେଲେ ଭଲ ହୁଅନ୍ତା।"

ମୁନା ଡାକ୍ତର କହିଲା, "ବେଶ ଭଲ କଥା। ଜଣେ ପ୍ରକୃତି ଚିକିତ୍ସକ ଜଣେ ମୂତ୍ର ଚିକିତ୍ସକଙ୍କୁ ଘୃଣା ଚକ୍ଷୁରେ ଦେଖିବା ଉଚିତ ନୁହେଁ। ବରଂ ପରସ୍ପର ପରସ୍ପରର ଚିକିତ୍ସା ପ୍ରଣାଳୀକୁ ସମ୍ମାନ ଦେବା ଉଚିତ। ଏହା ଦ୍ୱାରା ପ୍ରତ୍ୟେକଙ୍କର ସମ୍ମାନ ବଢ଼େ।"

ମୁନା ଡାକ୍ତରର କଥା କେଇ ପଦ ମୋର ମନକୁ ପାଇଲା। ମୁଁ କହିଲି, "ମୁନା ଡାକ୍ତର ! ତୁମେ ମୁନାଟିଏ ହେଲେ ମଧ୍ୟ ତୁମର ହୃଦୟ ଯେ କେତେ ବଡ଼... ସେ କଥା ମୁଁ ଆଜି କଳନା କରିପାରୁ ନାହିଁ। ତୁମେ ଜଣେ ମୁନା ଡାକ୍ତର ହେଲେ ମଧ୍ୟ ଭବିଷ୍ୟତର ଅଗଣିତ ମୁନା ଡାକ୍ତର ମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ।"

ମୁନା ଡାକ୍ତର ମୋ କଥା ଶୁଣି ଟିକିଏ ଲାଜେଇଗଲା। କିଛି ସମୟପରେ ହସି ହସି କହିଲା, "ନା, ନା, ସେପରି ଭାବିବା ଠିକ୍ ନୁହେଁ। ମୁଁ ଅନ୍ୟ କେହି ନ ହେଲେ ମଧ୍ୟ ଆପଣଙ୍କର ମୁନା - ଆପଣମାନଙ୍କର ଅତି ଆପଣାର ମୁନା ଡାକ୍ତର।"

ଏହି କେଇ ପଦ କଥାଶୁଣି ମୋ ମନରେ ମୁନା ଡାକ୍ତର ପ୍ରତି ସ୍ନେହ ଓ ସମ୍ମାନ ଦେଖାଦେଲା।

ସେ ବୟସରେ ମୋ ଠାରୁ କନିଷ୍ଠ ହେଲେ ମଧ୍ୟ ମୁଁ ତାକୁ ମୋର ଯଥାବିଧି ସମ୍ମାନ ଜଣାଇ ତା'ର ଡାକ୍ତରଖାନାରୁ ବିଦାୟ ନେଲାବେଳେ କହିଲି, "ନମସ୍କାର ମୁନା ଡାକ୍ତର ! ମୁଁ ଯାଉଛି। ଯେତେବେଳେ ତୁମେ ମନେ କରିବ ଯେ ମୁଁ ତୁମ କାମରେ ଆସିବି ମୋତେ ଖବର ଦେବ। ଖବର ପାଇଲା ମାତ୍ରେ ମୁଁ ଆସିବି।"

ମୁନା ଡାକ୍ତର କହିଲା, "ଆପଣଙ୍କୁ ନମସ୍କାର। ମୋର ଧନ୍ୟବାଦ ନେବେ।"

❖❖❖

Source: Author, Digitized by PPRACHIN, SOA

ଲେଖକଙ୍କ ବିଷୟରେ ପଦେ...

ଓଡ଼ିଶାର ଜଣେ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ଓ ଶିକ୍ଷାବିତ୍ ରୂପେ ଡଃ ଦିଗରାଜ ବ୍ରହ୍ମା ସୁପରିଚିତ । ତାଙ୍କ ରଚିତ ପୁସ୍ତକଗୁଡ଼ିକ ଜୀବନଧର୍ମୀ ଓ ପ୍ରାଣସ୍ପର୍ଶୀ । ବିଶେଷତଃ ଶିଶୁ ସାହିତ୍ୟ ପ୍ରସ୍ତୁତି, ପାଠ୍ୟପୁସ୍ତକ ପ୍ରଣୟନ ଓ ଗବେଷଣା କ୍ଷେତ୍ରରେ ଡଃ ବ୍ରହ୍ମାଙ୍କ ସ୍ଥାନ ସ୍ୱତନ୍ତ୍ର ।

ଡଃ ବ୍ରହ୍ମା ଛାତ୍ରାବସ୍ଥାରୁ ରାଜ୍ୟର ବହୁ ଅଗ୍ରଣୀ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ । ୧୯୭୦ ମସିହାରେ ସେ ରେଭେନ୍ସା ମହାବିଦ୍ୟାଳୟ ପୂର୍ବାଛାତ୍ରବାସର ମୁଖପତ୍ର 'ଜାଗରଣ'ର ସମ୍ପାଦନା ଦାୟିତ୍ୱ ନେଇଥିଲେ । ସେ ସମୟରେ ଡଃ ବ୍ରହ୍ମାଙ୍କ ରଚିତ ଉପନ୍ୟାସ 'ସେ ମନ ବିହଙ୍ଗୀ', ସମାଲୋଚନା ପୁସ୍ତକ 'ମହାପୁରୁଷ ହାଡ଼ିଦାସ' ଓ କବିତା ପୁସ୍ତକ 'ପ୍ରଭାତୀ ତାରା' ପ୍ରକାଶ ଲାଭ କରିଥିଲା । ପରବର୍ତ୍ତୀ ସମୟରେ ଡଃ ବ୍ରହ୍ମାଙ୍କ ରଚିତ ଶିଶୁ ପୁସ୍ତକ 'ଆସ ସଙ୍ଗାତ ବଣକୁ ଯିବା', 'ଚକା ଚକା ଭଉଁରୀ', 'ଶିକ୍ଷା ଦୁନିଆର କଥା ରାଇଜ', 'ବଜାରେ ବଜା ବାଜାବାଲା' ଓ 'ସୂର୍ଯ୍ୟମୁଖୀ' ଆତ୍ମପ୍ରକାଶ ଲାଭ କରିଅଛି ।

ଡଃ ବ୍ରହ୍ମା ଇତିହାସରେ ଏମ୍.ଏ., ଶିକ୍ଷାରେ ଏସ୍.ଏଡ୍ ଓ ଶିଶୁ ସାହିତ୍ୟର ଶିକ୍ଷାଗତ ପ୍ରୟୋଗ ସନ୍ଦର୍ଭ ଲେଖି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି । ଏତଦ୍‌ବ୍ୟତୀତ ଡଃ ବ୍ରହ୍ମା ଶିକ୍ଷା ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସ୍ତୁତି ସମ୍ପର୍କରେ ବିଲାତର କାର୍ଲଲାଇଲ୍ ଓ ଜନସଂଖ୍ୟା ପ୍ରକଳ୍ପ ପରିଚାଳନାରେ ବ୍ୟାଙ୍କକ୍‌ସ୍ଥିତ ଧୂରକଜୀ ପଣ୍ଡିତ ବିଶ୍ୱବିଦ୍ୟାଳୟରୁ ମଧ୍ୟ ସ୍ୱତନ୍ତ୍ର ଯୋଗ୍ୟତା ହାସଲ କରିଛନ୍ତି ।

ଡଃ ବ୍ରହ୍ମାଙ୍କ ଜନ୍ମ ଟାଙ୍ଗୀ-ଚୌଦ୍ୱାରସ୍ଥିତ ଇତିହାସ ପ୍ରସିଦ୍ଧ ଜଲୌକା ପାହାଡ଼ ପାଦଦେଶରେ ଅବସ୍ଥିତ ରୁଦ୍ରପୁର ଗ୍ରାମରେ । ସଂପ୍ରତି ସେ ପଟିଆ ରେଳଷ୍ଟେସନ୍ ନିକଟସ୍ଥ ମହାବୀର ବିହାରଠାରେ ଅବସ୍ଥାନ କରୁଛନ୍ତି ।

ପ୍ରକାଶକ

Source: Author, Digitized by PPRACHIN, SOA